Bhubaneswar- 9 June 2026
ଭୁବନେଶ୍ୱର- ୯ ଜୁନ୍ ୨୦୨୬
Vol- 1 Issue - 43
ଭାଗ- ୧ ସଂଖ୍ୟା- ୪୩
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
# THE PRATISHABDA




# ମୟୂରଭଞ୍ଜକୁ ମୁଖ୍ୟମନ୍ତ୍ରୀଙ୍କ ୪୩୦ କୋଟିର ଭେଟି

## ଉତ୍ତର ଓଡ଼ିଶାର ସ୍ୱାସ୍ଥ୍ୟ ମାନଚିତ୍ର ବଦଳାଇବ ନୂତନ ଟିଚିଙ୍ଗ୍ ହସ୍ପିଟାଲ
## ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲର ନୂତନ ବିଲ୍ଡିଂ ଉଦଘାଟିତ
## ୩୯ ପ୍ରକଳ୍ପର ଶୁଭାରମ୍ଭ, ୧୦୦ କୋଟିର ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ




**ବାରିପଦା :** ମୟୂରଭଞ୍ଜ ଏବଂ ସମଗ୍ର ଉତ୍ତର ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଜି ଏକ ନୂତନ ଐତିହାସିକ ଅଧ୍ୟାୟ ଯୋଡ଼ି ହୋଇଯାଇଛି। ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ନୂତନ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଙ୍ଗ୍ ହସ୍ପିଟାଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି। ଏଥିସହ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ୪୩୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ ମଧ୍ୟ କରିଛନ୍ତି । ମୟୂରଭଞ୍ଜ ଜିଲ୍ଲାର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ମୋଟ ୪୩୦.୨୬ କୋଟି ଟଙ୍କା ବିନିଯୋଗ କରାଯାଉଛି। ଏହି ବୃହତ ବ୍ୟୟବରାଦ ଅଧୀନରେ ଗମନାଗମନ, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଜନକଲ୍ୟାଣକାରୀ କ୍ଷେତ୍ର ସହିତ ଜଡ଼ିତ ୩୯ଟି ପ୍ରମୁଖ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ବିଶାଳ ବିକାଶମୂଳକ କାର୍ଯ୍ୟକ୍ରମ ମଧ୍ୟରେ ୨୮୨ କୋଟିରୁ ଅଧିକ ଟଙ୍କା ମୂଲ୍ୟର ୨୧ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ ୧୪୯ କୋଟିରୁ ଅଧିକ ଟଙ୍କା ମୂଲ୍ୟର ୧୮ଟି ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି। ବିଶେଷ ଭାବେ ପ୍ରାୟ ୧୦୦ କୋଟି ଟଙ୍କା ବିନିଯୋଗରେ ନିର୍ମିତ ୮୩ଟି ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ପ୍ରାୟ ୨୫୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଆଧୁନିକ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଙ୍ଗ୍ ହସ୍ପିଟାଲ ଉତ୍ତର ଓଡ଼ିଶାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରକଳ୍ପମାନଙ୍କ ମଧ୍ୟରୁ ଗୋଟିଏ। ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲ କେବଳ ବାରିପଦା କିମ୍ବା ମୟୂରଭଞ୍ଜ ଜିଲ୍ଲା ନୁହେଁ, ବରଂ ସମଗ୍ର ଉତ୍ତର ଓଡ଼ିଶା ଏବଂ ଏହାର ପଡ଼ୋଶୀ ଅଞ୍ଚଳର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ନୂଆ ବିପ୍ଳବ ଆଣିବ । ଆଧୁନିକ ସୁବିଧା, ଉନ୍ନତ ନିଦାନ ସେବା, ବିଶେଷଜ୍ଞ ଚିକିତ୍ସା ବିଭାଗ, ଗୁରୁତର ଚିକିତ୍ସା ସୁବିଧା, ଜରୁରୀକାଳୀନ ସେବା ଏବଂ ଉନ୍ନତ ଶିକ୍ଷାଦାନ ଭିତ୍ତିଭୂମି ସହିତ ଏହି ହସ୍ପିଟାଲ ଅଞ୍ଚଳର ସ୍ୱାସ୍ଥ୍ୟସେବାକୁ ଅନେକ ଗୁଣରେ ଶକ୍ତିଶାଳୀ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ନୂତନ ଟିଚିଙ୍ଗ୍ ହସ୍ପିଟାଲ କେବଳ ମୟୂରଭଞ୍ଜର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବ ନାହିଁ, ବରଂ ପଡ଼ୋଶୀ ଜିଲ୍ଲା, ପଡ଼ୋଶୀ ରାଜ୍ୟ ଏବଂ ଆଖପାଖର ଜନଜାତି ଅଞ୍ଚଳର ରୋଗୀମାନଙ୍କୁ ମଧ୍ୟ ବହୁଳ ଭାବେ ଉପକୃତ କରିବ। ବୃଦ୍ଧି ପାଇଥିବା ଶଯ୍ୟା ସଂଖ୍ୟା, ବିଶେଷଜ୍ଞ ଚିକିତ୍ସା ସୁବିଧା ଏବଂ ଅତ୍ୟାଧୁନିକ ଭିତ୍ତିଭୂମି ଯୋଗୁ ଏହା ଉତ୍ତର ଓଡ଼ିଶାର ଏକ ପ୍ରମୁଖ ରେଫରାଲ୍ ସେଣ୍ଟର ଭାବେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ଅନୁସୂଚିତ ଜାତି କଲ୍ୟାଣ ପରାମର୍ଶଦାତା ବୋର୍ଡ ପୁନର୍ଗଠନ

# ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରହିଲେ ଅଧ୍ୟକ୍ଷ

**ଭୁବନେଶ୍ୱର :** ଓଡ଼ିଶା ଅନୁସୂଚିତ ଜାତି କଲ୍ୟାଣ ପରାମର୍ଶଦାତା ବୋର୍ଡକୁ ରାଜ୍ୟ ସରକାର ପୁନର୍ଗଠନ କରିଛନ୍ତି। ଏସଟି ଏସସି ଡ଼େଭଲପମେଣ୍ଟ ଏମ ଆଣ୍ଡ ବିସିଡ଼ବ୍ଲ୍ୟୁ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଅନୁସୂଚିତ ଜାତି ଗୁଡ଼ିକର କଲ୍ୟାଣ, ବିକାଶ ଓ ସରକାରୀ ଯୋଜନାର କାର୍ଯ୍ୟକାରିତା ଉପରେ ବୋର୍ଡ ପରାମର୍ଶ ଦେବ। ନୂତନ ବୋର୍ଡର ଅଧ୍ୟକ୍ଷ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରହିଥିବା ବେଳେ ବିଭାଗୀୟ ମନ୍ତ୍ରୀଙ୍କୁ ଉପାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ୧୯୫୭ ମସିହାର 'ଓଡ଼ିଶା ଅନୁସୂଚିତ ଜାତି କଲ୍ୟାଣ ପରାମର୍ଶଦାତା ବୋର୍ଡ ନିୟମାବଳୀ'ର ନିୟମ-୩ ଓ ୫ ଅନୁଯାୟୀ ସରକାର ଏହି ପୁନର୍ଗଠନ କରିଥିବା ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ଏହି ଆଦେଶ ମାଧ୍ୟମରେ ବୋର୍ଡରେ ଲୋକସଭା ସଦସ୍ୟ, ବିଧାୟକ ଏବଂ ବିଭିନ୍ନ ଅଞ୍ଚଳର ପ୍ରତିନିଧିମାନଙ୍କୁ ସଦସ୍ୟ ଭାବେ ସାମିଲ କରାଯାଇଛି। ନୂଆ ବୋର୍ଡରେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ ଏବଂ ଯାଜପୁର ସାଂସଦ ଡ଼. ରବୀନ୍ଦ୍ର ନାରାୟଣ ବେହେରାଙ୍କୁ ସଦସ୍ୟ କରାଯାଇଛି। ସେହିପରି ବଡ଼ସାହିର ସନାତନ ବିଜୁଳି, ନିଆଳିର ଛବି ମଲ୍ଲିକ, ଛେଣ୍ଡିପଦାର ଅଗସ୍ତି ବେହେରା, ଅତାବିରାର ନିହାର ରଞ୍ଜନ ମହାନନ୍ଦ, କଟକ ସଦରର ପ୍ରକାଶ ଚନ୍ଦ୍ର ସେଠୀ, ହିନ୍ଦୋଳର ସିମାରାଣୀ ନାୟକ, ଛତ୍ରପୁରର କୃଷ୍ଣଚନ୍ଦ୍ର ନାୟକ, କୋରାପୁଟର ରଘୁରାମ ମାଛ, ରଘୁନାଥପାଲ୍ଲୀର ଦୁର୍ଗାଚରଣ ତନ୍ତୀ, ତିର୍ତ୍ତୋଲର ଡ଼. ରମାକାନ୍ତ ଭୋଇ ଏବଂ ଖଲ୍ଲିକୋଟର ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ବୋର୍ଡ ସଦସ୍ୟ ଭାବେ ମନୋନୀତ କରାଯାଇଛି। ଏହାଛଡ଼ା ବୀରମହାରାଜପୁରର ରଘୁନାଥ ଜଗଦଲା, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ନୂଆପଡ଼ାର ମନିଜର ଆରିୟା, ଅନୁଗୋଳର ଚନ୍ଦନ ସ୍ୱରାଜ ଏବଂ ମାଲକାନଗିରିର ନିମାଇ ଚନ୍ଦ୍ର ପାଲଙ୍କୁ ମଧ୍ୟ ସଦସ୍ୟ ଭାବେ ସ୍ଥାନ ମିଳିଛି। ବିଭାଗର ପ୍ରଧାନ ସଚିବ/କମିଶନର-ତଥା-ସଚିବ ବୋର୍ଡର ସଚିବ ଭାବେ କାର୍ଯ୍ୟ କରିବେ। ଅନୁସୂଚିତ ଜାତି ସମ୍ପ୍ରଦାୟଙ୍କ ସାମାଜିକ, ଆର୍ଥିକ ଓ ଶିକ୍ଷାଗତ ଉନ୍ନତି ସମ୍ପର୍କିତ ବିଭିନ୍ନ ନୀତି, ଯୋଜନା ଓ କାର୍ଯ୍ୟକ୍ରମ ଉପରେ ସରକାରଙ୍କୁ ପରାମର୍ଶ ଦେବା ଏହି ବୋର୍ଡର ପ୍ରମୁଖ ଦାୟିତ୍ୱ ହେବ। ଏସ୍‌ସି ସମ୍ପ୍ରଦାୟଙ୍କ ପାଇଁ ଚାଲୁଥିବା କଲ୍ୟାଣମୂଳକ ଯୋଜନାର ଅଗ୍ରଗତି, ସମସ୍ୟା ଓ ସମାଧାନ ସମ୍ପର୍କରେ ବୋର୍ଡ ନିୟମିତ ଭାବେ ସରକାରଙ୍କୁ ମତାମତ ପ୍ରଦାନ କରିପାରିବ।ନୂତନ ବୋର୍ଡରେ ସାଂସଦ, ବିଧାୟକ ଓ ବିଭିନ୍ନ ଜିଲ୍ଲାର ସାମାଜିକ ପ୍ରତିନିଧିମାନଙ୍କୁ ସ୍ଥାନ ଦିଆଯାଇଥିବାରୁ ଅନୁସୂଚିତ ଜାତି ସମ୍ପ୍ରଦାୟର ବିଭିନ୍ନ ଅଞ୍ଚଳଭିତ୍ତିକ ସମସ୍ୟା ଓ ଆବଶ୍ୟକତା ସରକାରଙ୍କ ନଜରକୁ ଆସିବାର ସୁଯୋଗ ବଢ଼ିବ।

## ବିଶାଖା ଷ୍ଟିଲ୍ ପ୍ଲାଣ୍ଟ ଅଗ୍ନିକାଣ୍ଡରେ ୯ ମୃତ

**ବିଶାଖାପଟ୍ଟଣମ:** ବିଶାଖାପଟ୍ଟଣମ ସ୍ଥିତ ବିଶାଖା ଷ୍ଟିଲ୍ ପ୍ଲାଣ୍ଟର ଏସଏମଏସ- ୨ ବିଭାଗରେ ସୋମବାର ଏକ ଭୟାବହ ଔଦ୍ୟୋଗିକ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୯ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ବେଳେ ଅନେକ ଅନ୍ୟ ଶ୍ରମିକ ଗୁରୁତର ଭାବେ ଆହତ ହୋଇଛନ୍ତି। ଏହି ଘଟଣା ସମଗ୍ର ଶିଳ୍ପାଞ୍ଚଳରେ ଶୋକ ଓ ଚିନ୍ତାର ପରିବେଶ ସୃଷ୍ଟି କରିଛି। ପ୍ରାଥମିକ ସୂଚନା ଅନୁଯାୟୀ, ଲ୍ୟାଡଲ୍ ମାଧ୍ୟମରେ ପରିବହନ କରାଯାଉଥିବା ଅତ୍ୟଧିକ ଉତ୍ତପ୍ତ ଦ୍ରବୀଭୂତ ଧାତୁ ହଠାତ୍ ବାହାରକୁ ଛିଟି ପଡ଼ିଥିଲା। ମୁହୂର୍ତ୍ତକ ମଧ୍ୟରେ ସମଗ୍ର କାର୍ଯ୍ୟକ୍ଷେତ୍ର ଧୂଆଁ ଓ ଅଗ୍ନିରେ ଆବୃତ ହୋଇଯାଇଥିଲା। ଘଟଣାସ୍ଥଳରେ କାର୍ଯ୍ୟରତ ଶ୍ରମିକମାନେ ନିଜକୁ ରକ୍ଷା କରିବାକୁ ସମୟ ପାଇନଥିବାରୁ ଅନେକେ ଦ୍ରବୀଭୂତ ଧାତୁର ସଂସ୍ପର୍ଶରେ ଆସିଥିଲେ। ଏହି ଦୁର୍ଘଟଣାରେ ୯ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଖବର ସବୁଠାରୁ ବଡ଼ ଦୁଃଖଦ ଘଟଣା ଭାବେ ସାମ୍ନାକୁ ଆସିଛି। ମୃତ ଶ୍ରମିକମାନଙ୍କ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଥିବା ବେଳେ ସହକର୍ମୀ ଓ ସ୍ଥାନୀୟ ଲୋକମାନେ ମଧ୍ୟ ଏହି ଘଟଣାରେ ମର୍ମାହତ ହୋଇଛନ୍ତି।

## ଉଜ୍ଜ୍ୱଳା ସବ୍‌ସିଡି ସିଲିଣ୍ଡର ୯ରୁ ୪କୁ ଖସିଲା

**ନୂଆଦିଲ୍ଲୀ:** ଉଜ୍ଜଳା ହିତାଧିକାରୀଙ୍କୁ ବଡ଼ ଝଟ୍‌କା। ସବ୍‌ସିଡି ସିଲିଣ୍ଡର ସଂଖ୍ୟା ୯ରୁ ୪କୁ ଖସିଲା। ଏହାର ଅର୍ଥ ହେଉଛି ଉଜ୍ଜ୍ୱଳା ଯୋଜନା ଅଧୀନରେ ଆସୁଥିବା ପରିବାରଗୁଡ଼ିକୁ ବର୍ଷକୁ କେବଳ ୪ଟି ସିଲିଣ୍ଡର ଉପରେ ହିଁ ଅତିରିକ୍ତ ସବ୍‌ସିଡିର ଲାଭ ମିଳିପାରିବ। ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନାରେ ୯ ସବ୍‌ସିଡି ସିଲିଣ୍ଡର ମିଳୁଥିଲା। ସାଂପ୍ରତିକ ଗ୍ୟାସ ସଙ୍କଟ ଭିତରେ ସବ୍‌ସିଡି ସିଲିଣ୍ଡର ସଂଖ୍ୟା କମାଯାଇଛି। ୨୦୧୬ରେ ଯୋଜନା ଲାଗୁ ବେଳେ ବାର୍ଷିକ ୧୨ଟି ସବ୍‌ସିଡି ସିଲିଣ୍ଡର ମିଳୁଥିଲା। ଗତବର୍ଷ ଏହା ୯କୁ ହ୍ରାସ କରିଥିଲେ କେନ୍ଦ୍ର ସରକାର। ରିପୋର୍ଟ ଅନୁଯାୟୀ, ଜଣେ ସରକାରୀ ଅଧିକାରୀ ସୋମବାର ଦିନ କହିଛନ୍ତି ଯେ ଘରୋଇ ବ୍ୟବହାରର ହାରାହାରିକୁ ଆଖି ଆଗରେ ରଖି ଏହି ପରିବର୍ତ୍ତନ କରାଯାଇଛି। ୨୦୧୬ ବର୍ଷରେ ଆରମ୍ଭ ହୋଇଥିବା ଏହି ଯୋଜନା ଅଧୀନରେ ପୂର୍ବରୁ ହିତାଧିକାରୀଙ୍କୁ ବର୍ଷକୁ ୧୪.୨ କିଲୋଗ୍ରାମର ୧୨ଟି ସିଲିଣ୍ଡର ସବ୍‌ସିଡିରେ ମିଳୁଥିଲା। ତେବେ ଗତ ବର୍ଷ ସବ୍‌ସିଡିଯୁକ୍ତ ସିଲିଣ୍ଡର ସଂଖ୍ୟା ହ୍ରାସ କରାଯାଇ ୯ କରାଯାଇଥିଲା, ଯାହାକୁ ଏବେ ଆହୁରି କମାଇ ୪ କରିଦିଆଯାଇଛି।

## ସମ୍ବଲପୁରରେ ଡବଲ ମର୍ଡର
## ଚେନ କ୍ରାଙ୍କ ମାଡ଼ରେ ଚାଲିଗଲା ୨ ଜଣଙ୍କ ଜୀବନ

**ସମ୍ବଲପୁର :** ସମ୍ବଲପୁର ଶାସନଥାନା ଅନ୍ତର୍ଗତ ଗିରିପାଲିର ଖଡ଼ିଆପଡ଼ାରେ ମା' ଓ ଝିଅଙ୍କୁ ବୀଭତ୍ସ ହତ୍ୟା ଭଳି ଏକ ଚାଞ୍ଚଲ୍ୟକର ଘଟଣାର ଖବର ମିଳିଛି। ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଉଭୟଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି ବୋଲି କୁହାଯାଉଛି। ସେମାନେ ହେଲେ ମା' ଉର୍ମିଳା ପାତ୍ର(୬୦) ଓ ଝିଅ ଲିଲିମା କୁଦେଇ(୩୫)। ମିଳିଥିବା ସୂଚନା ଅନୁଯାୟୀ, ଗରମ ଯୋଗୁ ଉଭୟ ମା' ଓ ଝିଅ ଘର ବାହାରେ ଶୋଇଥିବା ସମୟରେ କେତେଜଣ ପଡ଼ୋଶୀ ଯୁବକ ସେମାନଙ୍କୁ ଆକ୍ରମଣ କରିଥିଲେ। ବାଇକର ଚେନ କ୍ରାଙ୍କ ସାହାଯ୍ୟରେ ସେମାନଙ୍କୁ ନିର୍ଦ୍ଦୟ ଭାବେ ପିଟି ପିଟି ହତ୍ୟା କରାଯାଇଥିବା ଜଣାପଡ଼ିଛି। ମୃତ ମହିଳାମାନଙ୍କର ସେଭଳି କେହି ସମ୍ପର୍କୀୟ ନଥିବା ବେଳେ ପୂର୍ବରୁ ରହିଥିବା କୌଣସି ବିବାଦ ଯୋଗୁ ଏହି ଡବଲ ମର୍ଡର ଘଟିଛି। ଘଟଣାସ୍ଥଳରେ ବର୍ତ୍ତମାନ ସୁଦ୍ଧା ମୃତଦେହ ପଡ଼ି ରହିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ପୋଲିସ ଅନୁଧ୍ୟାନ ପାଇଁ ଘଟଣାସ୍ଥଳରେ ଉପସ୍ଥିତ ରହିଛି।

# ପ୍ରକାଶ ପାଇଲା ଓଜେଇଇ ୨୦୨୬ ପରୀକ୍ଷା ଫଳ

- ଏମବିଏରେ ତ୍ରିବିକ୍ରମ ପ୍ରଧାନ ଟପ୍ପର
- ବି.ଫାର୍ମରେ ଶୁଭ୍ରାଂଶୁ ସୁତାର




**ଭୁବନେଶ୍ୱର :** ସୋମବାର ପ୍ରକାଶ ପାଇଛି ଚଳିତବର୍ଷର ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା ୨୦୨୬ର ଫଳାଫଳ। ରେଜଲ୍ଟ ପୁସ୍ତିକା ଉନ୍ମୋଚନ କରିଥିଲେ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ। ପରୀକ୍ଷାରେ ମୋଟ ୧ ଲକ୍ଷ ୩ ହଜାର ୪୩୪ ଜଣ ପରୀକ୍ଷାର୍ଥୀ ପଞ୍ଜୀକୃତ କରିଥିଲେ ସେଥିମଧ୍ୟରୁ ୯୨ ହଜାର ୬୨୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ମୋଟ ୮୯.୫୫ ପ୍ରତିଶତ ପରୀକ୍ଷାର୍ଥୀ କମ୍ପ୍ୟୁଟର ଭିତ୍ତିକ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ । ୪ ମେ ରୁ ୧୦ ମେ ମାସ ୨୦୨୬ ରେ ହୋଇଥିଲା ଓଜେଇଇ ପରୀକ୍ଷା। ରାଜ୍ୟର ୩୦ ଜିଲ୍ଲାର ୯୩ ସେଣ୍ଟରରେ ହୋଇଥିଲା ପରୀକ୍ଷା । କଲିକତା, ରାଞ୍ଚି ଓ ପାଟନା ଭଳି ସହରରେ ମୋଟ ୬ ଟି କେନ୍ଦ୍ର ମଧ୍ୟ ଓଜେଇଇ ପରୀକ୍ଷା ପାଇଁ ରହିଥିଲା । ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ୧୬ ଟି ବୈଷୟିକ ଓ ବୃତ୍ତିଗତ ଶିକ୍ଷାରେ ଯୋଗ ଦେବେ । ଏନେଇ ଚଳିତ ମାସ ତୃତୀୟ ସପ୍ତାହରୁ ଆରମ୍ଭ ହେବ କାଉନସେଲିଂ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ଚଳିତ ବର୍ଷର ଓଜେଇଇ ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ କରିଛନ୍ତି । ପ୍ରକାଶିତ ପରୀକ୍ଷା ଫଳ ଅନୁଯାୟୀ, ବିଭିନ୍ନ ପାଠ୍ୟକ୍ରମରେ ଶୀର୍ଷ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରଛାତ୍ରୀଙ୍କ ନାମ ତାଲିକା ମଧ୍ୟ ବିଭାଗ ପକ୍ଷରୁ ଜାରି କରାଯାଇଛି । ଏଥିମଧ୍ୟରୁ ବି.ଫାର୍ମ ରେ ଶୁଭ୍ରାଂଶୁ ସୁତାର, ଏମବିଏ ରେ ତ୍ରିବିକ୍ରମ ପ୍ରଧାନ, ଏମସିଏ ରେ ନରେନ ପାତ୍ର ଏବଂ ସାମଗ୍ରିକ ଭାବେ ଏମ.ଟେକ୍ ରେ ସ୍ୱାଗତ କୁମାର ବେହୁରା ଟପ୍ପର ହୋଇଛନ୍ତି । ପରୀକ୍ଷାର୍ଥୀମାନେ ଓଜେଇଇ ର ଅଫିସିଆଲ୍ ୱେବସାଇଟ୍ www.ojee.nic.in ରୁ ନିଜର ର୍‍ୟାଙ୍କ କାର୍ଡ ଡାଉନଲୋଡ୍ କରିପାରିବେ ଏବଂ ଆଗାମୀ ଦିନରେ ସରକାରୀ ଓ ବେସରକାରୀ ମହାବିଦ୍ୟାଳୟଗୁଡ଼ିକରେ ନାମଲେଖା ପାଇଁ କାଉନସେଲିଂ ପ୍ରକ୍ରିୟାରେ ଭାଗ ନେଇପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର-ତଥା-ସଚିବ ଶ୍ରୀଯୁକ୍ତ ଭୂପେନ୍ଦ୍ର ସିଂ ପୁନିଆ, ଓଜେଇଇ ଚେୟାରମ୍ୟାନ ଦେବପ୍ରକାଶ ଶତପଥୀ, ଓଜେଇଇ ସେକ୍ରେଟାରୀ ରଞ୍ଜନ କୁମାର ଜେନା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ବିଶ୍ୱରଞ୍ଜନ ରଥ ପ୍ରମୁଖ ସାମିଲ ହୋଇଥିଲେ।


# ଓପିଏସସି ପରୀକ୍ଷାରେ କପି କରି ଧରାପଡ଼ିଲା ପରୀକ୍ଷାର୍ଥୀ

**କଟକ:** ଓପିଏସସି ପରୀକ୍ଷାରେ କପି କରିବାର ନିଆରା ଅନ୍ଦାଜ । ଓପିଏସ୍‌ସି ପରୀକ୍ଷାରେ କପି କରି ଗିରଫ ହେଲେ ପରୀକ୍ଷାର୍ଥୀ । ଫିଲ୍ମ ଷ୍ଟାଇଲ୍‌ରେ କପି କରୁଥିବା ବେଳେ ଗିରଫ କରିଛି ପୋଲିସ । ପ୍ୟାଣ୍ଟ ଭିତରେ ଫୋନ ରଖି କାନରେ ଇୟରବଡ ଲଗାଇଥିଲେ । ଫୋନ୍ କଲ୍‌ରେ ଡକାଯାଉଥିଲା ପ୍ରଶ୍ନ। ପ୍ରଶ୍ନ ଶୁଣି ଗୁଗୁଲ୍ ସର୍ଚ୍ଚ କରି ସେଣ୍ଟର ବାହାରେ ୩ ଯୁବକ ଦେଉଥିଲେ ତମାମ ଉତ୍ତର। ପୂରା ବଲିଉଡ୍ ଫିଲ୍ମ ଢାଞ୍ଚାରେ ଓଡ଼ିଶା ପ୍ରଶାସନିକ ସେବା (ଓପିଏସ୍ ସି) ପରୀକ୍ଷାରେ କରାଯାଉଥିଲା କପି । ହଠାତ୍ ସ୍କ୍ୱାଡ୍ ପଶି ଯାଞ୍ଚ୍ କରିବାରୁ ଧରାପଡ଼ିଗଲେ ପରୀକ୍ଷାର୍ଥୀ ଅଭିଷେକ ରାଉତ । ତୁରନ୍ତ ସେଣ୍ଟରରୁ ବାହାର କରି ସଂପୃକ୍ତ ପରୀକ୍ଷାର୍ଥୀଙ୍କୁ ମର୍କତନଗର ଥାନା ପୋଲିସକୁ ଜିମା ଦିଆଯାଇଥିଲା । ଅନ୍ୟପଟେ ପରୀକ୍ଷା ସମୟରେ ଅଭିଷେକଙ୍କୁ ରୂପେଶ ଝା, ଆଲେକ୍ସ ରାଜ ପାଣି ଓ ସୌମ୍ୟ ରଞ୍ଜନ ସାହୁଙ୍କୁ କପି କରିବାରେ ସହଯୋଗ କରୁଥିବା କାରଣରୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ । ମର୍କତନଗର ଥାନା ଅନ୍ତର୍ଗତ ଆବିଟ ଇଂଜିନିୟରିଂ କଲେଜରେ ଓପିଏସସି ସେଣ୍ଟର ହୋଇଥିଲା। ଉକ୍ତ ସେଣ୍ଟରରେ ଶତାଧିକ ଆଶାୟୀ ପରୀକ୍ଷା ଦେଉଥିଲେ। ସେମାନଙ୍କ ମଧ୍ୟରେ ଅଭିଷେକ ମଧ୍ୟ ପରୀକ୍ଷା ଦେଉଥିଲେ। ପରୀକ୍ଷା କିଛି ସମୟ ଚାଲିବା ପରେ ହଠାତ୍ ସେଣ୍ଟର ମଧ୍ୟକୁ ସ୍କ୍ୱାର୍ଡ ଆସି ତଦାରଖ କରିଥିଲେ। ଇତିମଧ୍ୟରେ ଗତିବିଧି ନେଇ ସ୍କ୍ୱାଡ୍‌ର ସନ୍ଦେହ ହୋଇଥିଲା । ତେଣୁ ସ୍କ୍ୱାଡ୍ ସେଠାରେ ଯାଞ୍ଚ୍ କରିବାରୁ ଯୁବକଙ୍କ କାନ ତଳୁ ଏକ ଇୟର୍ ବଡ୍ ଓ ପ୍ୟାଣ୍ଟ ମଧ୍ୟରୁ ଏକ ସ୍ମାର୍ଟଫୋନ୍ ମିଳିଥିଲା । ଏହି ସମୟରେ ଏକ କଲ୍ ଚାଲିଥାଏ। ଜଣେ ଯୁବକଙ୍କ ସହିତ କଲ୍ କନେକଟେଡ୍ ରହିଥାଏ। ସ୍କ୍ୱାଡ୍ ସଦସ୍ୟ ତୁରନ୍ତ ଉକ୍ତ ଯୁବକଙ୍କୁ ସେଣ୍ଟରରୁ କାଢ଼ିଦେଇ ପୁଲିସ ଜିମା ଦେଇଥିଲେ। ଏହାପରେ ପୁଲିସ ନମ୍ବର କୁ ଟ୍ରାକ କରି ଅନ୍ୟ ସମ୍ପୃକ୍ତ ଯୁବକଙ୍କୁ ଧରିଥିଲା। ଦୁଇ ଯୁବକଙ୍କୁ ଥାନାକୁ ନେଇ ଜେରା କରିବା ପରେ ସଂପୂର୍ଣ୍ଣ ଘଟଣାର ପର୍ଦ୍ଦାଫାସ ହୋଇଥିଲା।

## ୪୯ ଦିନରେ ଚଳଚଞ୍ଚଳ ରଥଖଳା

# ରଥ ଉପରକୁ ଉଠିଲା ୬ କାଠ, ପଡ଼ିଲା ଚତୁର୍ଥ ହରିବୋଲ୍

- ତିନି ରଥରେ ଛନ୍ଦ ଗୟଳ ମୋଡା କାର୍ଯ୍ୟ ଶେଷ
- ସମୀକ୍ଷା କଲେ କେନ୍ଦ୍ରାଞ୍ଚଳ ପୋଲିସ ଆଇଜି



**ପୁରୀ :** ୪୯ ଦିନରେ ଚଳଚଞ୍ଚଳ ରଥଖଳା । ଆଜି ରଥ ଉପରକୁ ଉଠିଛି, ଛଅ କାଠ । ଭୋଇ ସେବକ ପକାଇଛନ୍ତି ଚତୁର୍ଥ ହରିବୋଲ୍ ।୨୦୪ ସେବକଙ୍କ ଉପସ୍ଥିତିରେ ଚାଲିଛି ନିର୍ମାଣ କାର୍ଯ୍ୟ । ତିନି ରଥରେ ଛନ୍ଦ ଗୟଳ ମୋଡା କାର୍ଯ୍ୟ ଶେଷ ହୋଇ ଯୋଖା ଫିଟିଙ୍ଗ କାର୍ଯ୍ୟ ମଧ୍ୟ ଶେଷ ହୋଇ ସାରିଛି । ୩ ଟି ରଥରେ ସମୁଦାୟ ୪୪ ଟି ଯୋଖା ସଂଯୋଗ ହୋଇଛି । ଏହାପରେ ପ୍ରଥମ ଭୂଇଁ ରଥ ଉପରକୁ ଯୋଗାଇ ଦେଇଥିଲେ ଭୋଇ ସେବକ । ସମାନ୍ତରାଳ ଭାବରେ ତିନି ରଥର ଚାଳି ରେ କାର୍ଯ୍ୟ ଜାରି ରହିଥିବା ବେଳେ ଆଜି ରଥ ଉପରକୁ ଛଅ କାଠ ଉଠିଛି । ପୂର୍ବରୁ ଛଅ କାଠ ଫ୍ରେମ୍ ପ୍ରସ୍ତୁତ ସରିଥିଲା। ଛଅ କାଠ ଉଠିବା ପରେ ଭୋଇ ସେବକ ମାନେ ଚତୁର୍ଥ ହରିବୋଲ ଦେଇଛନ୍ତି । ଏହାପରେ ଭୂଇଁ ସଂଯୋଗ ସହ ଚଉଦ ନାହାକା ଉଠିବ । ଚଳିତ ବର୍ଷ ଜ୍ୟେଷ୍ଠ ମାସରେ ମଳ ମାସ ବା ଅତିରିକ୍ତ ମାସ ଯୋଗ ହୋଇଥିବା ଯୋଗୁଁ ଏଥର ସଅଳ ଚାଲିଛି ନିର୍ମାଣ କାର୍ଯ୍ୟ । ସେପଟେ ରୂପକାର ସେବକ ମାନେ,ତିନିରଥର ବେଦୀ ସିଂହାସନ ମୁହାଁଟିରେ ଚିତ୍ର ରୂପ ଖୋଦେଇ ଶେଷ କରିବା ସହ ରୂପ ଗୁଡ଼ିକର ପଲିସ୍ କାର୍ଯ୍ୟ ଶେଷ କରିଛନ୍ତି ।, ତିନିରଥର ୮ ଟି ଲେଖାଏଁ ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଜାରୀ ରହିଛି। ଦୋଳବେଦୀ ସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା କମାର ସେବକ ମାନେ ଯୋକା କଣ୍ଟା ଶେଷ କରି ଭୂଇଁ କଣ୍ଟା, ପୋଟଳ କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ସେପଟେ ଗୁଳୁଗୁଳି ରେ କାମ ଚାଲିଥିବା ବେଳେ କେନ୍ଦ୍ରାଞ୍ଚଳ ପୋଲିସ,ଆଇ ଜି ରଥ ନିର୍ମାଣ ସମୀକ୍ଷା କରିଛନ୍ତି । ରଥ ନିର୍ମାଣ,ରଥ ଟଣା,ମୋଡ,ବ୍ରେକ ଇତ୍ୟାଦି ବିଷୟରେ ରଥ ମହାରଣା ଓ ଭୋଇ ସେବକଙ୍କ ସହ ଆଲୋଚନା କରିଛନ୍ତି । ଅନ୍ୟପଟରେ ରଥଖଳାରେ ଘୋଳ ଦହି ବାଣ୍ଟିଛନ୍ତି ଆଇଜି ।

# ବଜ୍ରାଘାତରେ ଦିଅର ଭାଉଜ ମୃତ

**ଢେଙ୍କାନାଳ :** ବଜ୍ରାଘାତରେ ଦିଅର ଭାଉଜ ମୃତ। ହିନ୍ଦୋଳ ବ୍ଲକ୍ ବାଉଁଶ ପୋଖରୀ ପଞ୍ଚାୟତ ବନ୍ଧାଭୂଇଁ ଗ୍ରାମରେ ବଜ୍ରାଘାତ ନେଲା ଦୁଇ ଜୀବନ। ମୃତକ ହେଲେ ସୁବାସିନି ସାହୁ ଏବଂ ତାଙ୍କ ଦିଅର ଗଣେଶ୍ୱର ସାହୁ। ଆଜି ଅପରାହ୍ନ ପ୍ରାୟ ୪ଟା ବେଳେ ଉଭୟ ଘର ନିକଟରେ ଥିବା ଏକ ଆମ୍ବ ଗଛରୁ ଆମ୍ବ ଗୋଟାଉଥିବା ବେଳେ ବଜ୍ରାଘାତର ଶିକାର ହୋଇଥିଲେ। ଉଭୟ ଦିଅର ଭାଉଜଙ୍କୁ ହିନ୍ଦୋଳ ମେଡିକାଲରେ ଭର୍ତ୍ତି କରିଥିଲେ ଗ୍ରାମବାସୀ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି। ଘଟଣାକୁ ନେଇ ହିନ୍ଦୋଳ ରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି।

# ୧୦ ପ୍ରସ୍ତାବକୁ କ୍ୟାବିନେଟ ମୋହର

- ଜଳତଟ ବିକାଶ ଯୋଜନାକୁ ଅନୁମୋଦନ
- ସମ୍ବଲପୁର ଅଯୋଧ୍ୟା ସାଗରର ହେବ ମରାମତି ଓ ପୁନରୁଦ୍ଧାର
- ଦୟା-ଗଙ୍ଗୁଆର ସଙ୍ଗମ ସ୍ଥାନରେ ବର୍ଜ୍ୟଜଳ ବିଶୋଧନ କେନ୍ଦ୍ର ହେବ



**ଭୁବନେଶ୍ୱର :** ସୋମବାର ରାଜ୍ୟ ମନ୍ତ୍ରୀମଣ୍ଡଳ (କ୍ୟାବିନେଟ)ର ୪୧ତମ ବୈଠକ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ବୈଠକରେ ୫ ଟି ବିଭାଗର ୧୦ ଟି ପ୍ରସ୍ତାବ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି । ଶିଳ୍ପ ବିଭାଗର ୨ଟି, ଗୃହ ଓ ନଗର ଉନ୍ନୟନ ବିଭାଗର ୪ ଟି, ଜଳ ସମ୍ପଦ ବିଭାଗର ୨ଟି,ରାଜସ୍ୱ ବିଭାଗର ୧ଟି, ପର୍ଯ୍ୟଟନ ବିଭାଗର ୧ଟି ଏହିପରି ୫ଟି ବିଭାଗର ମୋଟ ୧୦ ଟି ପ୍ରସ୍ତାବ କ୍ୟାବିନେଟ ବୈଠକରେ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି । ରାଜ୍ୟ କ୍ୟାବିନେଟ ବୈଠକରେ ଖୋର୍ଦ୍ଧାର କାଳିବେଟି ଶିଳ୍ପାଞ୍ଚଳରେ ମହିଳା ଶ୍ରମିକ ହଷ୍ଟେଲ ନିର୍ମାଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହାର ଟେଣ୍ଡର ପ୍ରକ୍ରିୟାକୁ ଅନୁମୋଦନ କରାଯାଇଛି। ଏହା ୨୧୦ କୋଟି ବ୍ୟୟରେ ନିର୍ମାଣ ହେବ। ୪ ହଜାର ମହିଳା କର୍ମଚାରୀଙ୍କୁ ଏହା ସେବା ଯୋଗାଇବ। ୨ ବର୍ଷରେ ଏହାକୁ କାର୍ଯ୍ୟକ୍ଷମ କରାଯିବ। ସେହିପରି ୫୦୦ କୋଟି ବ୍ୟୟରେ ଜଳତଟ ବିକାଶ ଯୋଜନାକୁ ଅନୁମୋଦନ ମିଳିଛି। ସହରରେ ନଦୀତଟ ଓ ଜଳଭଣ୍ଡାରକୁ ପୁନର୍ଜୀବିତ କରିବା ଲକ୍ଷ୍ୟ ରଖାଯାଇଛି। ପିଏମଏୱାଇ ରେ ଇଡ଼ବ୍ଲ୍ୟୁଏସ ହିତାଧିକାରୀଙ୍କୁ ଷ୍ଟାମ୍ପ ଓ ରେଜିଷ୍ଟ୍ରେସନ ଶୁଳ୍କ ଛାଡ଼ କରାଯାଇଛି। ଦୟା-ଗଙ୍ଗୁଆର ସଙ୍ଗମ ସ୍ଥାନରେ ବର୍ଜ୍ୟ ଜଳ ବିଶୋଧନ କେନ୍ଦ୍ର ନିର୍ମାଣ ହେବ। ୫ ବର୍ଷ ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ଟେଣ୍ଡର ପ୍ରକ୍ରିୟାକୁ ଅନୁମୋଦନ ଦିଆଯାଇଛି। ସେହିପରି ଦୟା ନଦୀ ଓ ଗଙ୍ଗୁଆ ନାଳର ପାଣିର ଗୁଣବତ୍ତାକୁ ପୁନରୁଦ୍ଧାର କରିବା ଲକ୍ଷ୍ୟ ରଖାଯାଇଛି। ଏହାସହ ଐତିହାସିକ ଯୋଜନା 'ଆତିଥ୍ୟ ଭିତ୍ତିଭୂମି ପାଇଁ ଭୂମି ବ୍ୟାଙ୍କ'କୁ ମଞ୍ଜୁରୀ ମିଳିଛି। ୫୫୦୦ ଏକର ଜମି ଚିହ୍ନଟ ହୋଇ ପର୍ଯ୍ୟଟନ ଭୂମି ବ୍ୟାଙ୍କରେ ସାମିଲ କରାଯିବ। ଏହି ଯୋଜନାରେ ୫ ବର୍ଷରେ ୧୫୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସମ୍ବଲପୁରର ଅଯୋଧ୍ୟା ସାଗର ୱେୟାର ମରାମତି ଓ ପୁନରୁଦ୍ଧାର ହେବ। ଏଥିପାଇଁ ୪୪୦ କୋଟି ଟଙ୍କା ଖର୍ଚ୍ଚ ହେବ। ୩୦ ମାସରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୃତ୍ତଙ୍ଗ ପ୍ରକଳ୍ପରେ ନୟାଗଡ଼ ମଞ୍ଜରୀ ଗାଁ ନିକଟରେ ମାଟିବନ୍ଧ ନିର୍ମାଣ ହେବ। ଏଥିପାଇଁ ୧୯୪ କୋଟି ବ୍ୟୟବରାଦ କରାଯାଇଛି। ଏଥିରେ ମୋଟ ୩୦୯ ଗାଁକୁ ଜଳସେଚନ ସୁବିଧା ମିଳିବ । ଶିଳ୍ପ ନୀତି-୨୦୨୨ର ସଂଶୋଧନକୁ କ୍ୟାବିନେଟ ଅନୁମୋଦନ କରାଯାଇଛି।

## ସମ୍ପାଦକୀୟ

# ଉପରମୁହାଁଙ୍କୁ ଏନକାଉଁଟର୍

ସମାଜରେ ଅସାମାଜିକ କାର୍ଯ୍ୟକଳାପ ଦିନକୁ ଦିନ ଯେଭଳି ଭାବେ ବୃଦ୍ଧିପାଉଛି, ତାହା ଏକ ସୁବ୍ୟବସ୍ଥିତ ତଥା ଶୃଙ୍ଖଳିତ ସମାଜ ଗଠନ ପ୍ରକ୍ରିୟାରେ ଅତି ବାଧକ ବୋଲି କୁହାଯାଇପାରେ। ସେ ସବୁ ଅସାମାଜିକ କାର୍ଯ୍ୟକଳାପକୁ ରୋକିବା ଦିଗରେ ସେଭଳି ତୁରନ୍ତ କିଛି ପଦକ୍ଷେପ ନିଆନଗଲେ, ଆଗାମୀ ଦିନରେ ଆଜିର ସାଧାରଣ ସମାଜରେ ନାନାଦି ବିଶୃଙ୍ଖଳା ସୃଷ୍ଟି ହେବା ସହ ଏକ ସୁନ୍ଦର ସମାଜର ପ୍ରଗତି ପଥରେ ବହୁବିଧ ବାଧା ସୃଷ୍ଟି ହେବ। ସେଣୁ ବିଶୃଙ୍ଖ୍ଲାକୁ ରୋକିବା ଦିଗରେ ଯଦି ସମୟୋଚିତ କୌଣସି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ, ତେବେ ଆଗାମୀ ସମୟରେ ପରିସ୍ଥିତି ଅଣାୟତ୍ତ ହୋଇପାରେ ଯାହା କି ପ୍ରଶାସନ ପାଇଁ ଗୋଟାଏ ବହୁତ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ। ବିଶେଷକରି ପୋଲିସ୍ ପ୍ରଶାସନ ପାଇଁ ବହୁତ ବଡ଼ ଚ୍ୟାଲେଞ୍ଜ। ସେତେବେଳେ ବୁଦ୍ଧିବଣା ହୋଇଯିବ ପୋଲିସର। ଏପଟ ସେପଟ ଗୁଡ଼ାଏ କାମ କରି, ଏଣୁ ତେଣୁ ପୁଳାଏ ମନ୍ତବ୍ୟ ଦେଇ ନିଜ ମନକୁ ବୁଝାଇବା ସହ ଉଭୟ ସମାଜ ଏବଂ ସରକାରଙ୍କୁ ମଧ୍ୟ ରଖିବ ଅନ୍ଧାରଘେରରେ। ଯାହାଦ୍ୱାରା ସମାଜ ତରଫରୁ ଏକାବେଳକେ ପାଞ୍ଚ ଆଙ୍ଗୁଳି ଉଠିବ ପୋଲିସ୍ ଆଡ଼କୁ ଏବଂ ସରକାରଙ୍କ ଆଡ଼କୁ। ଆଉ କାଳେ କାଳେ କିଛି ସନ୍ତୋଷଜନକ ସଫେଇ ଦେଇ ନିଜକୁ ଝାଡ଼ିଝୁଡ଼ି ବସିଯାଇଛି ପ୍ରଶାସନ ଏବଂ ପୋଲିସ୍ ପ୍ରଶାସନ ତ ସରକାରୀ ସଂସ୍ଥା। ସଂପୃକ୍ତ ବିଭାଗ ପ୍ରତି ପ୍ରଶାସନର କୋହଳ ମନୋଭାବ ପୋଷଣର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ। ସେପଟେ ପୋଲିସ୍ ପ୍ରଶାସନ ବି ଆତ୍ମସଫେଇ ଦେବାରେ ମାହିର। ବିପଜ୍ଜନକ ସ୍ଥିତିରେ ପୋଲିସ୍ ନିଜର ଆତ୍ମରକ୍ଷା ଦିଗରେ ଯେମିତି ସଫଳ ପଦକ୍ଷେପ ନେଇପାରେ, ଠିକ୍ ସେମିତି। ତେବେ ଏମିତି ଭାବରେ ସମାଜରେ ଶାନ୍ତି ଆସିବ କିପରି ? ସମାଜ ଶୃଙ୍ଖଳିତ ହେବ କିପରି ? ପରସ୍ପର ପରସ୍ପରର ଦୋଷ ଦେଇ ଯଦି ଏମିତି ନିଜକୁ ଝାଡ଼ିଦେବେ, ତେବେ ନାନାଦି ସାମାଜିକ ବିଶୃଙ୍ଖଳା ବିପର୍ଯ୍ୟସ୍ତ ଅଇନ୍ ଶୃଙ୍ଖଳା ବ୍ୟବସ୍ଥା ପ୍ରତି ସିଧାସଳଖ ଆଙ୍ଗୁଳି ନିର୍ଦ୍ଦେଶ କରିବ। ଏଣୁ ଏପରି ଲଜ୍ଜାଜନକ ତଥା ବିଷମ ପରିସ୍ଥିତିର ସଠିକ୍ ଭାବେ ସାମ୍ନା କରିବା ପାଇଁ, ପରିସ୍ଥିତିର ମୁକାବିଲା କରି ସମସ୍ୟାର ସମାଧାନ କରିବା ପାଇଁ ସାଧାରଣ ପ୍ରଶାସନ ତଥା ପୋଲିସ୍ ପ୍ରଶାସନ ସେମାନଙ୍କର ଗୁରୁଦାୟିତ୍ୱ ସମ୍ପାଦନ କରିବା ଉଚିତ୍ । ସମୟୋଚିତ ପଦକ୍ଷେପ, ସଠିକ୍ ପଦକ୍ଷେପ ଏବଂ ସଶକ୍ତ ପଦକ୍ଷେପ। କିଛି ଏଭଳି ଆଖିଦୃଷ୍ଟିଆ ପଦକ୍ଷେପ ଯାହା ବର୍ତ୍ତମାନର ଅପରାଧୀଙ୍କୁ ସାଇଜ୍ ଆଉ ସାବାଡ଼ କରିବା ସହ ଆଗାମୀ ସମୟର ଅପରାଧୀଙ୍କ୍ ପାଇଁ ଗୋଟାଏ ମଜବୁତ୍ ଉଦାହରଣ ହୋଇ ରହିବ ଯାହାକୁ ମନେ ପକାଇ ଅସାମାଜିକ ତତ୍ତ୍ୱ ମନକୁ ମନ ସେମାନେ ସାଇଜ୍ ହୋଇଯିବେ, ଆସିଯିବେ ଲାଇନ୍ ଉପରକୁ। ଏମିତି କଥାକୁ ବିଳମ୍ବରେ ହେଲେ ବି ଅନୁଭବ କରିଛନ୍ତି ରାଜ୍ୟ ପୋଲିସ୍ ବିଭାଗ ମୁଖିଆ। ରାଜ୍ୟ ପୋଲିସ୍ ଡିଜିପିଙ୍କ ଏକ କଠୋର ମନ୍ତବ୍ୟ ଏହିଭଳି ଏକ ସମୟରେ ଆସିଛି, ଯେଉଁ ସମୟରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ବ୍ୟବସ୍ଥା ଏକପ୍ରକାର ବିପର୍ଯ୍ୟସ୍ତ ହୋଇ ପଡ଼ିଛି ଅବା ଭୁଷୁଡ଼ି ପଡ଼ିଛି କହିଲେ ଅତ୍ୟୁକ୍ତି ହେବନାହିଁ। ନିକଟ ଅତୀତରେ ରାଜ୍ୟ ରାଜଧାନୀର ଉପକଣ୍ଠ ଅଞ୍ଚଳରେ ମାତ୍ର ୨୪ ଘଣ୍ଟା ବ୍ୟବଧାନରେ ସ୍ୱଷ୍ଟ ଦିବାଲୋକରେ ଦୁଇଦୁଇଟା ବୀଭତ୍ସ ହତ୍ୟାକାଣ୍ଡ ରାଜ୍ୟ ରାଜନୀତିକୁ ସରଗରମ କରିବା ସହ ରାଜ୍ୟ ପ୍ରଶାସନ ଏବଂ ପୋଲିସ୍ର ପାରିବାପଣିଆ ପ୍ରତି ସିଧାସଳଖ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଏପରି ନୃଶଂସ ଘଟଣା ଯାହା ଦେଶର ଅପରାଧପ୍ରବଣ ରାଜ୍ୟ ୟୁ ପି ଏବଂ ବିହାରର ଅସ୍ୱଷ୍ଟ ଚିତ୍ରକୁ ରାଜ୍ୟବାସୀଙ୍କ ନିକଟରେ ସ୍ୱଷ୍ଟ କରିଛି । ସେପାଇଁ ତ ପୋଲିସ୍ , ଡିଜି ଖୁରାନିଆ ସାହେବ ଦୁର୍ଦ୍ଦାନ୍ତ ଅପରାଧୀମାନଙ୍କୁ ଅନ୍ ଦି ସ୍ପଟ୍ ସିଧାସଳଖ ଏନକାଉଁଟର୍ କରିବାପାଇଁ ବିଭାଗକୁ ନିର୍ଦ୍ଦେଶ ଜାରି କରିଛନ୍ତି। ୨୦୨୬ର ଏକ ରିପୋର୍ଟ ଯାହା କହୁଛି କି ପ୍ରତି ଲକ୍ଷେ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳରେ ପ୍ରତିବର୍ଷ ପ୍ରାୟ ୪୭୦ ଏମିତି ସାଙ୍ଘାତିକ କେସେସ୍ ସଙ୍ଘଟିତ ହେଉଛି ଯାହା ମଧ୍ୟରେ ରେପ୍ , ମର୍ଡର, କିଡ୍ନାପିଙ୍ଗ୍ ଆଦି ସଙ୍ଗୀନ , ମାମଲା ସାମିଲ୍ ରହୁଛି। ଅପରାଧ କ୍ଷେତ୍ରରେ କେବେ କେବେ ଦେଶର ଟପ୍ ଲିଷ୍ଟ୍ରେ ବି ଆସିଯାଉଛି ଆମର ରାଜ୍ୟ ଓଡ଼ିଶା ଯେ କି କେବେ ଉତ୍କର୍ଷ କଳାନୈପୁଣ୍ୟ ପାଇଁ ପ୍ରସିଦ୍ଧିଲାଭ କରିଥିଲା ସାରା ଭାରତରେ। ହେଲେ ଆଜିର ଓଡ଼ିଶାର ଚିତ୍ର କେତେ ଉତ୍କଟ ଏବଂ ବେଳେ ବେଳେ କେତେ ବୀଭତ୍ସ। ଆମେ କହିବା କି ବିଳମ୍ବରେ ଚେତିଲା ପ୍ରଶାସନ ? ଏପରି କଥା ତ ବହୁ ପୂର୍ବରୁ ବି ଶୁଣି ଆସୁଛନ୍ତି ରାଜ୍ୟବାସୀ ଅଥଚ କାହିଁ ପରିବର୍ତ୍ତନ ? ରାଜ୍ୟରେ ଅପରାଧର ମାତ୍ରା ବେଳେବେଳେ ଏପରି ସ୍ତରକୁ ଆସିଯାଉଛି ଯାହାକି ଜାତୀୟ ସ୍ତରର ଶିରୋନାମା ମଣ୍ଡନ କରୁଛି। ଏଣୁ ଉଭୟ ରାଜ୍ୟ ପ୍ରଶାସନ ଏବଂ ଜିଲ୍ଲାୱାରୀ ପ୍ରଶାସନ ନିଜ ନିଜ କ୍ଷେତ୍ରରେ ଅପରାଧ ନିୟନ୍ତ୍ରଣ ଦିଗରେ ସମୟୋଚିତ ଏବଂ ସଶକ୍ତ ପଦକ୍ଷେପ ନେବାର ରହିଛି ସଠିକ୍ ଆବଶ୍ୟକତା ।

## କାଉର ବୁଦ୍ଧିମାନୀ

ଥରେ ଦଳେ କାଉ ଆକାଶରେ ଉଡୁ ଉଡୁ ଚାଲିଗଲେ ବହୁ ଦୂରକୁ। କାଉ ଦଳ ସକାଳୁ ସକାଳୁ ଆରମ୍ଭ କରିଥିଲେ ତାଙ୍କ ଯାତ୍ରା। ତଥାପି ତାଙ୍କ ଯାତ୍ରା ସରୁ ନଥାଏ। କୁଆଡ଼େ ଯାଉଥାଆନ୍ତି କେଜାଣି ? ବୋଧହୁଏ ଗୋଟାଏ ଲମ୍ବା ଯାତ୍ରା କିମ୍ବା ଗୋଟାଏ ବହୁତ ବଡ଼ ଯାତ୍ରାରେ ବହାରି ସେମାନେ। ହସ ଖୁସିରେ ଯାଉ ଯାଉ ବହୁ ଦୂରକୁ ଚାଲି ଯାଇଥିଲେ ସେମାନେ। ସମ୍ଭବତଃ ସେମାନଙ୍କ ଯାତ୍ରା ପଥରୁ ଓହରିଯାଇ କିଛି ଆଗକୁ ଚାଲିଯାଇଥିଲେ ସେମାନେ। ହୁଏତ ସେମାନଙ୍କ ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇ ଭିନ୍ନ ରାସ୍ତାରେ କିଛି ଆଗକୁ ଚାଲି ଯାଇଥିଲେ ସେମାନେ। ଯାହା ହେଉ.. ଉଡ଼ାଣ କିନ୍ତୁ ଜାରି ରହିଥିଲା ସେହି କାଉ ଦଳର। ଖରାଦିନର କଥା। ଆକାଶରେ ଖରା ମୁଣ୍ଡ ଉପରକୁ ଉଠିଗଲାଣି। ଖରାଦିନର ଏତେ ଖରା ପରେ ବି ସେମାନଙ୍କ ଯାତ୍ରା ସରୁ ନଥାଏ। ହଠାତ୍ ସେମାନଙ୍କ ମଧ୍ୟରୁ ବୁଢ଼ା କାଉଟିଏ ଆଉ ଉଡ଼ି ନପାରି ପୂରା ହାଲିଆ ହୋଇପଡ଼ିଲା। ତଳକୁ ଖସିବାର ଉଦ୍ୟମ ଆରମ୍ଭ କରିଦେଲା। ଅନ୍ୟମାନେ ବି ପ୍ରାୟ ସେହିଭଳି ସ୍ଥିତିକୁ ଆସିଗଲେଣି। ହେଲେ କ'ଣ କରିବେ । ଲକ୍ଷ୍ୟପଥ ଏବେ ବି ରହିଛି ଆହୁରି ଦୂରରେ । ତେବେ ସାଥୀମାନଙ୍କର ଥକ୍କାପଣକୁ ଲକ୍ଷ୍ୟରେ ରଖି ଦଳର ମୁଖିଆ ବି ଚିନ୍ତାରେ । କ'ଣ କରାଯିବ ? ଏବେ ସମସ୍ତେ ପ୍ରାୟ ହାଲିଆ। ଉଡ଼ି ଉଡ଼ି ଏତେ ବାଟ ଆସିଲା ପରେ ଯେ କେହି ବି ହାଲିଆ ହେବା ସ୍ୱାଭାବିକ। ଏବେ କ'ଣ କରିବେ କୁଆଡ଼େ ଯିବେ ? ଏହି ଚିନ୍ତାରେ ସମସ୍ତେ ପଡ଼ିଗଲେ। କିଛି ସମୟ ପାଇଁ କାଉଦଳ ଉଡ଼ା ବନ୍ଦକରି ନିକଟରେ ଥିବା ଗୋଟାଏ ବଡ ଗଛରେ ବସିଗଲେ। ସମସ୍ତେ ଗଛରେ କିଛି ସମୟ ପାଇଁ ବସିଗଲା ପରେ ପ୍ରଥମେ ସେମାନେ ତାଙ୍କର ଥକ୍କା ମେଣ୍ଟାଇଲେ। ପରେ ପୁଣି ସେହି କାଉ ଦଳ ସେମାନଙ୍କ ଗନ୍ତବ୍ୟ ପଥରେ ଉଡ଼ିବା ପାଇଁ ସ୍ଥିର କଲେ। ତେବେ ସେହି କାଉ ଦଳ ଭିତରେ ଦୁଇଟା ବୃଦ୍ଧ କାଉ ରହିଯାଇଥିଲେ। ସେମାନେ ଆଗକୁ ଆଉ ଉଡ଼ିବା ଅବସ୍ଥାରେ ନଥିଲେ। ପ୍ରଥମତଃ ସେମାନେ ବହୁତ ବାଟ ଉଡ଼ି ଉଡି ହାଲିଆ ହୋଇଯାଇଥିଲେ। ଦ୍ୱିତୀୟରେ ସେମାନଙ୍କୁ ଏତେ ଜୋର୍ରେ ଶୋଷ ଲାଗୁଥିଲା ଯେ ସେମାନେ ଆଉ ଟିକିଏ ବି ଉଡ଼ିବା ଅବସ୍ଥାରେ ନଥିଲେ। ବରିଷ୍ଠ କାଉମାନଙ୍କର ଏପରି ସ୍ଥିତି ଦେଖି ବାକି କାଉମାନେ ପଡ଼ିଗଲେ ଚିନ୍ତାରେ। ଚିନ୍ତାର ବିଷୟ ଥିଲା ଯେ ନିଘଞ୍ଚଜଙ୍ଗଲରେ ପାଣି ବ୍ୟବସ୍ଥା। ତେବେ ହଠାତ ଅନତି ଦୁରରେ ଗୋଟାଏ କିଛି ପାତ୍ର ଥୁଆ ହୋଇଥିବାର ନଜର ପଡ଼ିଲା ପରେ ଗୋଟାଏ କାଉ ସେଠାକୁ ଯାଇ ଦେଖେ ତ ସେଥିରେ କିଛି ପାଣି ଥିଲା। ହେଲେ ପାଣି ତଳେ ଥିବା ଦେଖି ବୁଦ୍ଧି ଖର୍ଚ୍ଚ କରି ସେଥିରେ କିଛି ଛୋଟ ପଥର ଖଣ୍ଡ ପକାଇଦେବା ପରେ ଭିତର ପାଣି ଉପରକୁ ଆସିବା ପରେ ତୃଷାର୍ତ୍ତ କାଉ ପାଣି ପିଇ ସେମାନଙ୍କ ତୃଷା ମେଣ୍ଟାଇଲେ।

# ମୋଦୀଙ୍କ ଗୁରୁତ୍ୱପୂର୍ଣ୍ଣ କୁଟନୀତି



ଉମା ଶଙ୍କର ପ୍ରସାଦ

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ରମୋଦୀଙ୍କ ସଂଯୁକ୍ତ ଆରବ ଏମିରେଟ୍ସ (UAE), ନେଦାରଲ୍ୟାଣ୍ଡ, ସ୍ୱିଡେନ, ନରୱେ ଏବଂ ଇଟାଲୀ ଆଦି ପାଞ୍ଚ ଦେଶୀୟ ଗସ୍ତ ହେଉଛି ବର୍ତ୍ତମାନ ସାମ୍ପ୍ରତିକ ସମୟରେ ସେ ହାତକୁ ନେଇଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୂଟ ନୈତିକ ଅଭିଯାନ ମଧ୍ୟରେ ଅନ୍ୟତମ। ବର୍ତ୍ତମାନ ଲାଗିରହିଥିବା ଆମେରିକା - ଇସ୍ରାଏଲ -ଇରାନ ବିବାଦ ଯୋଗୁଁ ଯେତେବେଳେ ସମଗ୍ର ବିଶ୍ୱ ଏକ ଗମ୍ଭୀର ଶକ୍ତି ଶଙ୍କଟ (Energy Crises ) ମଧ୍ୟରେ ଗତି କରୁଛି, ସେତେବେଳେ ମୋଦିଜୀ ଭାରତ ପାଇଁ ଶକ୍ତି ଯୋଗାଣର ନୂତନ ମାର୍ଗ ଉନ୍ମୁକ୍ତ କରିବା ସହ ଅଧିକ ଦେଶ ସହିତ ସୁଦୃଢ ରଣନୈତିକ ସମ୍ପର୍କ ସ୍ଥାପନ କରିବାର ଦାୟିତ୍ୱ ନିଜ କାନ୍ଧ କୁ ନେଇଛନ୍ତି। ଅବଶ୍ୟ ପୂର୍ବରୁ ମଧ ସେ ଏହି ସମସ୍ତ ପାଞ୍ଚଟି ଯାକ ଦେଶ ଗସ୍ତ କରି ସାରିଛନ୍ତି କିନ୍ତୁ ବର୍ତମାନ ବିଶ୍ୱର ଜଟିଳ ପରିସ୍ଥିତି ଯୋଗୁଁ ଚଳିତ ଗସ୍ତ ଅଧିକ ଗୁରୁତ୍ୱ ବହନ କରୁଛି। ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ ଯେ ପ୍ରଧାନମନ୍ତ୍ରୀ ଙ୍କ ଏହି ଅଭିଯାନ ଭାରତ ପାଇଁ ସାଧାରଣ ସୀମାରୁ ଉର୍ଦ୍ଧରେ ଲାଭନ୍ୱିତ ହେବ।

ସଂଯୁକ୍ତ ଆରବ ଏମିରେଟ୍ସ (UAE) କୁ ତାଙ୍କର ମାତ୍ର ସାଢେ ତିନି ଘଣ୍ଟାର ସଂକ୍ଷିପ୍ତ ଗସ୍ତ ସମୟରେ, ପ୍ରଧାନମନ୍ତ୍ରୀ ଏହି ଉପସାଗରୀୟ ଦେଶ ସହିତ ରଣନୈତିକ ଆଲୋଚନା ମାଧ୍ୟମରେ ଭାରତକୁ ନିରନ୍ତର ଭାବେ ଉତ୍ତମ ଶକ୍ତି ଯୋଗାଣ ସୁନିଶ୍ଚିତ କରିଛନ୍ତି। ଭାରତ ଏବଂ (UAE) ମଧ୍ୟରେ ରଣନୈତିକ ରଖୁଥିବା ସମ୍ପର୍କ ରଖୁଥିବା ଅନେକ ଚୁକ୍ତି ସ୍ୱାକ୍ଷରିତ ହୋଇଛି – ଯାହାଦ୍ୱାରା ଟଇର ଗସ୍ତ ମାଧ୍ୟମରେ ଏକ ସଦଭାବନା ସୃଷ୍ଟି କରିଛନ୍ତି। ଏହା ସହିତ ବର୍ତମାନ ଚାଲିଥିବା ସଂଘର୍ଷ ମଧ୍ୟରେ ଟଇର ଉପରେ ହୋଇଥିବା ଇରାନର ଆକ୍ରମଣ କୁ ପ୍ରଧାନମନ୍ତ୍ରୀ ଦୃଢ଼ ଭାବରେ ନିନ୍ଦା କରିବା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୁର୍ଣ ଥିଲା। ଟଇର ନେତୃତ୍ୱ ଯେଭଳି ସଂଯମ ତାର ସହ ଇରାନ ଆକ୍ରମଣ ର ମୁକାବିଲା କଲେ ଏବଂ ପ୍ରତ୍ୟକ୍ଷ ଯୁଦ୍ଧ ଭିତରକୁ ନଜିବାକୁ ନିଷ୍ପତି ନେଲେ ତାହାକୁ ସେ ପ୍ରଶଂସା କରିଥିଲେ। ପଶ୍ଚିମ ଏସିଆରେ ଶାନ୍ତି ପ୍ରତିଷ୍ଠା ପାଇଁ ଭାରତର ସହଯୋଗ ପ୍ରତିଶୃତି ଦେବା ସହିତ ପ୍ରଧାନମନ୍ତ୍ରୀ ଏକ ସନ୍ତୁଳନ ରକ୍ଷା କରିଛନ୍ତି, ବିଭିନ୍ନ ବିଭାଜନ ମଧ୍ୟରେ ଏକାଧିକ ଦେଶ ସହିତ ଭାରତର ସାମଗ୍ରିକ କୁଟନୈତିକ ସମ୍ପର୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ପ୍ରଧାନମନ୍ତ୍ରୀଙ୍କ ଟଇର ଗସ୍ତକୁ ସଫଳ କରିବା ପାଇଁ ଭାରତ କଠିନ ପରିଶ୍ରମ କରିବାସହ ସେଠାରେ ତାଙ୍କର ରହଣୀ ଅତି ସଂକ୍ଷିପ୍ତ ହୋଇଥିଲେ ମଧ ଏହା ଅତ୍ୟନ୍ତ ପ୍ରଭାବ ଶାଳୀ ଥିଲା। ଇଉ. ଏ. ଇ ର ରାଷ୍ଟ୍ରପତି ଶେଖ ମହମଦ ବିନ ଦାୟେଦ ଅଲ ନାହ୍ୟାନଙ୍କ ସହ ବିଭିନ୍ନ ପାରସ୍ପରିକ ସ୍ୱାର୍ଥ ରକ୍ଷାକାରୀ ପ୍ରସଙ୍ଗରେ ଆଲୋଚନା କରି ପ୍ରଧାନମନ୍ତ୍ରୀ ଶକ୍ତି, ପ୍ରତିରକ୍ଷା ଏବଂ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସୁନିଶ୍ଚିତ କରିଛନ୍ତି। ଗୁପ୍ତ , ଅପ୍ରକାଶିତ ବିବରଣୀ ବ୍ୟତୀତ ଭାରତ ଏବଂ ଟଇର ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ପରସ୍ପରିକ ଆଞ୍ଚଳିକ ସ୍ୱାର୍ଥକୁ ବଜାୟ ରଖିବା ପାଇଁ ଉଭୟଙ୍କ ପ୍ରତିବଦ୍ଧତା। ପ୍ରଧାନମନ୍ତ୍ରୀ ଙ୍କ ଏହି ସଂକ୍ଷିପ୍ତ ଗସ୍ତର ସବୁଠାରୁ ବଡ଼ ସଫଳତା ହେଉଛି ଯେ ସେ ଦଶନ୍ଧି ଦଶନ୍ଧି ଧରି ଚାଲି ଆସିଥିବା ସେହି ସମ୍ପର୍କ କୁ ଆହୁରି ମଜବୁତ କରିଛନ୍ତି। ବର୍ତମାନ ର ମଧ୍ୟପ୍ରାଚ୍ୟ ଶଙ୍କଟ ପରି ଶକ୍ତି ସଂକଟକୁ ଭାରତ ଯେଭଳି ଭାବେ ମୁକାବିଲା କରିଛି ତାହା ଅନୁକରଣୀୟ। ଇନ୍ଧନ ମୂଲ୍ୟ ବୃଦ୍ଧି କରିବାରେ ଭାରତ ଶେଷ ଦେଶ ଥିଲା ଯାହା କେବଳ ଏବେହିଁ କରାଯାଇଛି, ଯେତେବେଳେ ଅନ୍ୟ ପ୍ରାୟ ସମସ୍ତ ଦେଶ ପୂର୍ବରୁ ନିଜର ଇନ୍ଧନ ମୂଲ୍ୟ ବଢ଼ାଇ ସାରିଥିଲେ। ନିଜର ଇଉ. ଏ ଇ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ସୁନିଶ୍ଚତ କରିଛନ୍ତି ଯେ ଭାରତକୁ ଶକ୍ତି ଯୋଗାଣ ଶୃଙ୍ଖଳା ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ରହିବ। ଏହାକୁ ଏହି କୁଟନୈତିକ ବୈଠକର ସବୁଠାରୁ ବଡ଼ ସଫଳତା ଭାବେ ବିବେଚନା କରାଯିବା ଉଚିତ। ମଧ୍ୟପ୍ରାଚ୍ୟର ଦେଶମାନଙ୍କ ସହିତ ଭାରତ ଦଶନ୍ଧି ଦଶନ୍ଧି ଧରି ନିଜର ବନ୍ଧୁତ୍ୱ ପୂର୍ଣ୍ଣ ସମ୍ପର୍କ ବଜାୟ ରଖିଛି ଯାହା କେବଳ ଅର୍ଥନୀତି କିମ୍ବା ଆନ୍ତର୍ଜାତୀୟ ବାସ୍ତବବାଦୀ ରାଜନୀତି (Real Politik ) ଉପରେ ଆଧାରିତ ନୁହେଁ ବରଂ ଜନସାଧାରଣ ଙ୍କ ମଧ୍ୟରେ ଥିବା ପରସ୍ପରିକ ସମ୍ପର୍କ 'People to People Relation ' ଉପରେ ମଧ୍ୟ ପ୍ରତିଷ୍ଠିତ। ସେହି ଦେଶ ଗୁଡିକରେ ଲକ୍ଷ ଲକ୍ଷ ଭାରତୀୟ ବିଭିନ୍ନ ପ୍ରକଳ୍ପରେ କାର୍ଯ୍ୟ କରୁଛନ୍ତି ଯାହା ସେହି ଦେଶ ଗୁଡିକର ଅର୍ଥନୀତିକୁ ସମୃଦ୍ଧ କରୁଛି। ଶ୍ରୀ ନରେନ୍ଦ୍ର ମୋଦୀ ସେହି ସମ୍ପର୍କକୁ ଅତ୍ୟନ୍ତ ଯତ୍ନ ଏବଂ ଚିନ୍ତା ଧାରା ସହିତ ଆଗକୁ ବଢ଼ାଇଛନ୍ତି। ଅନେକ ସମୟରେ ମଧ ସାମାଜିକ, ସାଂସ୍କୃତିକ ପ୍ରକ୍ରିୟା ମାଧ୍ୟମରେ ସେହି ସମ୍ପର୍କକୁ ଅଧିକରୁ ଅଧିକ ସୁଦୃଢ କରିଛନ୍ତି। ଏହି ସମସ୍ତ ଦିଗରୁ ବିଚାର କଲେ ଭାରତ ଏବଂ ଟଇର ମଧ୍ୟରେ ପାରସ୍ପରିକ ପାଇଁ ଏହି ଗସ୍ତ ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ ହେବା ସହିତ ମୋଦୀଙ୍କ ଗୁରୁତ୍ୱ ପୂର୍ଣ୍ଣ କୁତନୀତିର ପ୍ରତିଫଳନ କହିଲେ ଅତ୍ୟୁକ୍ତି ହେବନାହିଁ।

ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
(୬୩୭୦୬ ୭୫୫୬୨)

# ଏଇଠି ଅଛି, ଏଇଠି ନାହିଁ



ତ୍ରିନାଥ ଓଝା

'ଏଇଠି ଅଛି, ଏଇଠି ନାହିଁ'- ପିଲାମାନଙ୍କୁ ଆମେ କୌତୁହଳୀ ଭାବରେ ଯେଉଁପରି କୁହୁକ ଯାଦୁ ଦେଖାଇ ଭଣ୍ଡେଇ ଥାଉ ଠିକ ସେହିପରି ଆମ ଓଡ଼ିଶାରେ ତେଲ ଆଉ ଗ୍ୟାସ ଅବସ୍ଥା। ଆମ ପରି ମେହନତୀ ବର୍ଗର ମଣିଷ ମାନଙ୍କ ପାଇଁ ଉପରୋକ୍ତ ଦୁଇଟି ଜିନିଷ ଅପରିହାର୍ଯ୍ୟ ଆବଶ୍ୟକତା। ସରକାରଙ୍କ ମନ୍ତ୍ରୀ କହୁଛନ୍ତି ଯାହା ସବୁ ମିଡ଼ିଆ, ସୋସିଆଲ ମିଡ଼ିଆରେ ଦେଖାଯାଉଛି ଯେ ଓଡ଼ିଶାରେ ପର୍ଯ୍ୟାପ୍ତ ତେଲ ଓ ଗ୍ୟାସ ରହିଛି। ପେଟ୍ରୋଲ ଆସୋସିଏସନର ନେତୃତ୍ୱ ମଧ କହୁଛନ୍ତି ଓଡ଼ିଶାରେ ଯଥେଷ୍ଟ ତେଲ ରହିଛି, ଲୋକମାନେ ଭୟଭୀତ ଅଯଥାରେ ହେଉଛନ୍ତି। କଥା ହେଉଛି ପ୍ରଧାନମନ୍ତ୍ରୀ ରାତି ପାହିବା ମାତ୍ରେ ଅଚାନକ ତୈଳ, ଗ୍ୟାସ ସଞ୍ଚୟ କଥାଟି କହିବାପରେ ବିଭିନ୍ନ ଧାଁ ଧଉଡ଼ ସବୁ ଆରମ୍ଭ ହୋଇଗଲା। ମୁଁ ଆମ ସିଡ଼ିଏ ସେକ୍ଟର ୧୦ ପେଟ୍ରୋଲ ପମ୍ପ କଥା କହୁଛି। ଦୁଇଦିନ ପାଇଁ ବନ୍ଦ ହୋଇଗଲା ବନ୍ଦର ପ୍ରଦର୍ଶନ ସ୍ୱରୂପ ତାର ବନ୍ଧା ହୋଇଗଲା। କାଲିଠାରୁ ତେଲ ମିଳୁଛି କିନ୍ତୁ ଏହାଏକ ଗୁରୁତ୍ୱପୂର୍ଣ୍ଣ ପାଞ୍ଛକି ରାସ୍ତାଟି ହୋଇଥିବାରୁ ଅସମ୍ଭବ ଗହଳି ସକାଳୁ ଅର୍ଦ୍ଧରାତି ପର୍ଯ୍ୟନ୍ତ। ବାଇକ ଠାରୁ ସ୍କୁଟି, ଅଟୋ ଠାରୁ କାର, ଡ଼ମ୍ଫର ଠାରୁ ମାଟାଟୋର ସବୁ ଲାଇନ ଲଗାଇଛନ୍ତି। କେଉଁଠି ତେଲ ଅଭାବରୁ ଆମ୍ବୁଲାନ୍ସପରି ଅତି ଅପରିହାର୍ଯ୍ୟ ସଂସ୍ଥାରେ ନିରୀହ ମୁମୁର୍ଷୁ ଯେଉଁଲୋକଟି ବଞ୍ଚିବା ଆଶାରେ ଯାଉଥିଲା, ସେ ଲୋକଟିର ରାସ୍ତାରେ ହିଁ ଜୀବନ ଚାଲିଗଲା। କେଉଁଠି ଦେଢ଼ଶହ ଟଙ୍କା, ଦୁଇଶହ ଟଙ୍କାରେ ତେଲ ମିଳୁଛି ତ କେଉଁଠି ଜାରକିନରେ ଜଣେ ଜଣେ କୋଡିଏ ଲିଟର ଧରି ଯାଉଥିବାର ଚିତ୍ର ଆମେ ଦେଖୁଛୁ। ଜଗତସିଂହପୁର କଟକ ଜିଲ୍ଲାପାଳ ଖୋଦ ତେଲ ଟାଙ୍କିରେ ଚଢ଼ାଉ କରି ଲୋକମାନଙ୍କୁ ଇଛା ମୁତାବକ ତେଲ ଦେବାକୁ ଓ ଷ୍ଟକ ସରିବା ପର୍ଯ୍ୟନ୍ତ ଧାଡ଼ିରେ ଥିବା ଲୋକମାନଙ୍କୁ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସବୁ ଜିଲ୍ଲାରେ ତ ଜିଲ୍ଲାପାଳ ମାନେ ଚଢ଼ଉ କରୁନାହାଁନ୍ତି। ଇତିମଧ୍ୟରେ ତେଲ ରେଟ ତିନିଟଙ୍କା ବଢ଼ିଗଲା, ତେଲ ଟ୍ୟାଙ୍କର ଅଧିକ ଆସିଲା ତଥାପି ରାଜ୍ୟର ସବୁ ଟାଙ୍କିରେ ଅସମ୍ଭବ ଗହଳି ।ଆଚ୍ଛା, ଏହି ତେଲ କଷ୍ଟ କ'ଣ ଆଜିର ? ଇରାନ-ଆମେରିକା ଯୁଦ୍ଧ ଓ ଆମ ଭାରତ କିପରି ପ୍ରଭାବିତ ହେଉଛି ଏ ଖବର ତ ତିନି ଚାରି ମାସ ତଳର। ତେବେ ବର୍ତ୍ତମାନ ଏମିତି ତେଲ ସଞ୍ଚୟର କଥା ଓ ଟାଙ୍କିରେ ଗହଳି ତା ପୂର୍ବରୁ ତ ଗ୍ୟାସର ଚଡ଼କ ପଡ଼ି ସାରିଛି। ଏହା ଭିତରେ କିଛି ରାଜ୍ୟର ବିଧାନସଭା ନିର୍ବାଚନ ଥିଲା, ଫଳାଫଳ ପ୍ରକାଶ ପାଇଲା, ପ୍ରଧାନମନ୍ତ୍ରୀଙ୍କ ସୋମନାଥ ରାଲି ଅସମ୍ଭବ ଭିଡ଼ ହେଲା, ଏସବୁ ଭିତରେ କେହି କ'ଣ ତେଲ ଚିନ୍ତା ଆଉ କରିନଥିଲେ। ଏହାର ଅଭାବନୀୟ ପରିସ୍ଥିତି କେବଳ ଲୋକମାନଙ୍କ ଉପରେ ନୁହେଁ ଆମ୍ବୁଲାନ୍ସ ସେବା ପରି ଅପରିହାର୍ଯ୍ୟ ସେବା ସଂସ୍ଥା ଠାରୁ ସାଧାରଣ ପରିବନ ସବୁ ଉପରେ ଭୟାନକ ପ୍ରଭାବ ପଡ଼ିଲା। ଅଚାନକ ବସ ବନ୍ଦ ହୋଇଯିବା ଫଳରେ ଅନେକ ଲୋକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଯୋଗ ଦେଇପାରିଲେ ନାହିଁ। ବର୍ତ୍ତମାନ ମଧ ତେଲ ରେଟ ବଢ଼ିବା ସତ୍ତ୍ୱେ ସର୍ବନିମ୍ନ ଗୋଟାଏ ଦୁଇଘଣ୍ଟା ଅପେକ୍ଷା ନକଲେ ତେଲ ମିଳୁନି। ଜଣେ ମଜଦୁର ଶ୍ରେଣୀର ଲୋକଟି ଯଦି ଏହିପରି ସମୟ ଦେବ ତାହେଲେ ତା କର୍ମ ସଂସ୍ଥାନଟି କ୍ଷତିଗ୍ରସ୍ତ ହେବ। ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ତାଙ୍କ ପାଇଲଟ ଗାଡ଼ି ସଂଖ୍ୟା କମାଇ ଦେଲେ ସମସ୍ୟାର ସମାଧାନ ହେବନାହିଁ। ଯେଉଁ ବଡ଼ ବଡ଼ ରାଲି ସବୁ ହେଉଛି, ସଭାସମ୍ମିଳନୀ ହେଉଛି ଏହା ଉପରେ ରୋକ ଲାଗୁ। ଆମର ସୌଭାଗ୍ୟ ଯେ ବିଶ୍ୱର ପ୍ରମୁଖ ତୈଳ ରାଷ୍ଟ୍ର ଉତ୍ପାଦନକାରୀ ଉଭୟ ଋଷ ଓ ଇରାନ ଆମର ଦୀର୍ଘକାଳୀନ ପରମ ମିତ୍ର। କିନ୍ତୁ ଦୁର୍ଭାଗ୍ୟକୁ ଆମେରିକା ହସ୍ତକ୍ଷେପର ଶୀକାର ହୋଇ ଆମ ଦେଶବାସୀ ଏହି ତେଲ ଓ ଗ୍ୟାସ ସଙ୍କଟ ସାମ୍ନା କରୁଛନ୍ତି। ହଁ, କେହି କେହି କହୁଛନ୍ତି ଇଭି ଯାନ କିଣିବା ପାଇଁ। କେତେକଙ୍କ ପାଖରେ ସରକାର ସବସିଡ ଦେଲେ ମଧ ଅବଶିଷ୍ଟାଂଶ ରହିଛି ଏହାକୁ କିଣିବାପାଇଁ ? ଶାସନକ୍ଷେତ୍ରରେ କେବଳ ତଳିଆ ବା ଆଖି ଦେଖାଣିଆ ଭାବରେ କିଛି ଚରିତ୍ର ମାନଙ୍କ ଉପରେ ନୁହେଁ ବରଂ ସମାଜର ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ଅଧିକାରୀଙ୍କ ଠାରୁ ତଳବର୍ଗ ପର୍ଯ୍ୟନ୍ତ ସମସ୍ତେ ଏହି ତୈଳ ସଞ୍ଚୟକୁ ଆହ୍ୱାନ ଭାବେ ଗ୍ରହଣ କରନ୍ତୁ। ଖୁସିର କଥା ସୁପ୍ରିମକୋର୍ଟ ତେଲ ବଞ୍ଚାଇବା ପାଇଁ ପଦକ୍ଷେପ ଗ୍ରହଣ କରି ଭର୍ଚୁଆଲ ଶୁଣାଣୀ ଦୁଇଦିନ ଘରୁ କାମ ଓ କାରପୁଲ୍ ବ୍ୟବସ୍ଥା କରିଛନ୍ତି ତେବେ ଏ କ୍ଷେତ୍ରରେ ଆମ ସମସ୍ତଙ୍କର ଦାୟିତ୍ୱ ଅଛି। ନେତାମାନେ ମଧ କହିବା ସମୟରେ ଚିନ୍ତା କରନ୍ତୁ। ଓଡ଼ିଶାରେ ତେଲ ପର୍ଯ୍ୟାପ୍ତ ଥିଲେ ଲୋକମାନଙ୍କର ଗହଳିର କାରଣ କ'ଣ କେବଳ 'ଗୁଜବ'ବୋଲି ଧରିବାକୁ ପଡ଼ିବ। ତେଲ ରେଟ ବଢ଼ିବା ଓ ଭିଡ଼ କାରଣରୁ ଖାଦ୍ୟ ସାମଗ୍ରୀ ଠାରୁ ପନିପରିବା ସବୁ କିଛିର ଦର ବଢ଼ିବ। ତେଣୁ ସରକାରଙ୍କୁ ନିବେଦନ କୁହୁକ ବାଣୀ ସ୍ୱରୂପ ଯେଉଁ ହେଇ ତେଲ ଅଛି, ..... ନାହିଁ / ଘଣ୍ଟା ଘଣ୍ଟା କାଳ ଧାଡ଼ି। ତେଲ ଓ ଗ୍ୟାସ ପରି ଆମ ନିତିଦିନିଆ ଜୀବନର ମୁଖ୍ୟ ଅବଲମ୍ବନ ଉପରେ ଚଡ଼କ ପଡ଼ିଲେ ସମାଜର ସବୁ ବର୍ଗଙ୍କ ଉପରେ ପ୍ରଭାବ ତ ପଡୁଛି ଆହୁରି ଅଧିକ ପଡ଼ିବ ସେ ଦିନ ଦେଖିବାକୁ ଯାହା ବାକି ରହିଲା।

ଚମ୍ପା-ନାରାୟଣ ଚାରିଟେବୁଲ ଟ୍ରଷ୍ଟ, ଧବଳେଶ୍ୱର ଗଡ଼ା, କଟକ,
ଦୂରଭାଷ :୯୨୩୮୬୦୨୮୨୫

# ବାତିଲ 'ନିଟ୍', ସଂଶୟରେ ମେଧାବୀଙ୍କ ଭବିଷ୍ୟତ



ପ୍ରଫେସର ଡାକ୍ତର ସମ୍ରାଟ କର

ଭାରତର ସବୁଠାରୁ ବଡ଼ ମେଡ଼ିକାଲ ପ୍ରବେଶିକା ପରୀକ୍ଷା କୁହାଯାଉଥିବା ନିଟ୍ ୟୁଜି-୨୦୨୬ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହେବାର ଅଭିଯୋଗ ହେବାପରେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ମେ' ୩ରେ ହୋଇଥିବା ନିଟ୍ ୟୁଜି-୨୦୨୬ ପରୀକ୍ଷାକୁ ବାତିଲ କରିଛନ୍ତି ଓ ପୁନର୍ବାର ପରୀକ୍ଷା କରାଯିବ ବୋଲି ସୂଚନା ଦେଇଛନ୍ତି। ଭାରତ ତଥା ବିଦେଶରେ ପାଞ୍ଚହଜାର ଚାରିଶହ ବତିଶ କେନ୍ଦ୍ରରେ ପରୀକ୍ଷା ଦେଇଥିବା ବାଇଶ ଲକ୍ଷରୁ ଅଧିକ ପ୍ରାର୍ଥୀଙ୍କ ପାଇଁ ଏହା ନିଶ୍ଚିନ୍ତ ଭାବରେ ଯନ୍ତ୍ରଣାଦାୟକ। ଏହି ପ୍ରଶ୍ନ ପତ୍ର ଲିକ୍ ପରେ ଓଡ଼ିଶାର ପାଖାପାଖି ୫୫ ହଜାର ପରୀକ୍ଷାର୍ଥୀଙ୍କ ଭିତରେ ଦୁଃଶ୍ଚିନ୍ତା ଘାରିଛି। ଆମ ସମାଜରେ ଦ୍ୱିତୀୟ ଭଗବାନ ଭାବେ ଡାକ୍ତରୀ ବୃତ୍ତିକୁ ମର୍ଯ୍ୟାଦା ଦିଆଯାଏ ଏବଂ ଏହି ମର୍ଯ୍ୟାଦାଜନକ ଓ ତୀବ୍ର ପ୍ରତିଯୋଗିତା ମୂଳକ ବୃତ୍ତି ପାଇଁ ଆବଶ୍ୟକ ପଡ଼ିଥାଏ ନିଟ୍ ପରୀକ୍ଷା। କିନ୍ତୁ ଚଳିତଥର ଏହି ନିଟ୍ ବ୍ୟବସ୍ଥା ଏପରି ଆଲୋଡ଼ନ, ଆଲୋଚନା ସୃଷ୍ଟି କରିଛି ଯେ ଯାହା ପୂର୍ବରୁ କେବେ ହୋଇନଥିଲା। ଏଭଳି ସ୍ଥଳେ ଛାତ୍ରଛାତ୍ରୀ ମାନଙ୍କ ପ୍ରସ୍ତୁତି ଓ ପ୍ରତିଦ୍ୱନ୍ଦ୍ୱିତାର ସ୍ତର କିଭଳି ଉଚ୍ଚ ହୋଇଥାଏ, ତାହା କେବଳ ଅନୁମାନସାପେକ୍ଷ। ଏହି କାରଣରୁ ରାଜସ୍ଥାନର କ୍ଷେତ୍ର ପାଲଟି କୋଟା ତହିଁରେ ଥିବା ମେଡ଼ିକାଲ ଓ ଇଂଜିନିୟରିଂ କୋଚିଂ ସେଣ୍ଟର ଗୁଡ଼ିକ ସକାଶେ ଚୁମ୍ବକୀୟ ଆକର୍ଷଣ କ୍ଷେତ୍ର ପାଲଟି କିଭଳି ଏକ କିମ୍ବଦନ୍ତୀ ସ୍ୱରୂପ ଲାଭ କଲାଣି, ତାହା ଦେଶ ବିଦେଶରେ ଚର୍ଚ୍ଚାର ବିଷୟବସ୍ତୁ ହୋଇଛି। ଗତ ବର୍ଷ ଏନଇଟି-ୟୁଜି ପରୀକ୍ଷାରେ ଅନିୟମିତତା ଓ ରେଜଲ୍ଟ ବିଭ୍ରାଟ ସମଗ୍ର ଭାରତରେ ଆଲୋଡ଼ନ ସୃଷ୍ଟି କରିଥିଲା। ଏହାକୁ ନେଇ ଦିନକୁ ଦିନ ନାନା ବିବାଦ ସୃଷ୍ଟି ହେଉଥିବାବେଳେ ଚଳିତ ବର୍ଷ ପ୍ରଶ୍ନ ପତ୍ର ପ୍ରଘଟ ଖବର ପିଲାଙ୍କ ମାନସିକ ଉପରେ କେଉଁପରି ପ୍ରଭାବ ଯେ ପକାଇବ ତାହା କହିବା ମୁସ୍କିଲ। ପ୍ରଶ୍ନପତ୍ର ପ୍ରଘଟ ନିରୋଧ ଆଇନାନୁସାରେ ଗତବର୍ଷ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରିଥିଲେ। ଯେଉଁଥିରେ ଅନ୍ୟ ପରୀକ୍ଷା ସହ କମ୍ପ୍ୟୁଟର ପର୍ଯ୍ୟବେସିତ ପରୀକ୍ଷା ଗୁଡ଼ିକ ନିମନ୍ତେ ଜାତୀୟ ନିଯୁକ୍ତି ସଂସ୍ଥା ଆବଶ୍ୟକ ଏସଓପି ଜାରି କରିବାକୁ ବାଧ୍ୟତାମୂଳକ କରାଯାଇଥିଲା। ବିଜ୍ଞପ୍ତି ଅନୁସାରେ, ପ୍ରତ୍ୟେକ ପରୀକ୍ଷା ଓ ପ୍ରବେଶିକା ପରୀକ୍ଷା ପୂର୍ବରୁ ସହଯୋଗୀ ସଂସ୍ଥା, ବ୍ୟକ୍ତିବିଶେଷ, ଅନୁଷ୍ଠାନ ଆଦି ସହ ସମାଲୋଚନା କରି ଏନଆରଏ ଆବଶ୍ୟକ ଗାଇଡ଼ଲାଇନ, ଏସଓପି ଆଦି ପ୍ରସ୍ତୁତ କରିବ। ପ୍ରତି ପରୀକ୍ଷା ପୂର୍ବରୁ ଏହି ଗାଇଡ଼ଲାଇନ, ଏସଓପି ଗୁଡ଼ିକୁ କେନ୍ଦ୍ର ସରକାର ସର୍ବସାଧାରଣରେ ପ୍ରକାଶ କରିବେ। ଏସଓପିରେ ପରୀକ୍ଷା କେନ୍ଦ୍ରର ପ୍ରାକ ନିରୀକ୍ଷଣ, ପରୀକ୍ଷା କେନ୍ଦ୍ର ନିକଟରେ ପ୍ରାର୍ଥୀଙ୍କୁ ଯାଞ୍ଚ, ବାୟୋମେଟ୍ରିକ ପଞ୍ଜୀକରଣ, ସୁରକ୍ଷା ଓ ସ୍କ୍ରିନିଂ ପରୀକ୍ଷା କେନ୍ଦ୍ରରେ ବସିବା ସ୍ଥାନର ବ୍ୟବସ୍ଥା, ପ୍ରଶ୍ନପତ୍ର ସେଟିଂ ଏବଂ ପରୀକ୍ଷା ପରବର୍ତ୍ତୀ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ବିସ୍ତୃତ ନୀତି ରହିବ। ବର୍ତ୍ତମାନ ଏହି ପରୀକ୍ଷା ବାତିଲ ଓ ବିଭ୍ରାଟ ଆମ ପରୀକ୍ଷା ବ୍ୟବସ୍ଥାରେ ଛାତ୍ରଛାତ୍ରୀଙ୍କ ବିଶ୍ୱାସ ଉପରେ ନିଶ୍ଚିନ୍ତ ଭାବରେ ଗୁରୁତର ଆଘାତ। ଲକ୍ଷାଧିକ ଆଶାୟୀଙ୍କ ପ୍ରତି ଏହା କେବଳ ବିଶ୍ୱାସଘାତକତା ନୁହେଁ ବରଂ ପରିଶ୍ରମୀ ଛାତ୍ରଛାତ୍ରୀଙ୍କ କ୍ୟାରିୟରକୁ ଏହା ବିପଦରେ ପକାଇଛି। ତିନି ବର୍ଷ ଭିତରେ ଦୁଇଥର ବିଭ୍ରାଟ ହେବା ନିଶ୍ଚିନ୍ତ ଭାବରେ ଉଚ୍ଚତଦନ୍ତ ସାପେକ୍ଷ। କାରଣ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଏଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ଦାୟିତ୍ୱ ତୁଲାଇଥାଏ। ପ୍ରଶ୍ନପତ୍ର ପ୍ରସ୍ତୁତି ସହ ପରୀକ୍ଷା କେନ୍ଦ୍ର ନିର୍ଦ୍ଧାରଣ, ପେପର ଯାଞ୍ଚ କଥା ମଧ୍ୟ ବୁଝିଥାଏ ଏହି ସ୍ୱୟଂଶାସିତ ସଂସ୍ଥା। ତେବେ ଯେଉଁଭଳି ଭାବେ ଏହିଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ ତ୍ରୁଟି ବିଚ୍ୟୁତି ସାମ୍ନାକୁ ଆସିଛି, ତାହା ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧାରକୁ ନେବା ସହ ସରକାରଙ୍କୁ ଟାଣିଛି କାଠଗଡ଼ାକୁ। ବର୍ତ୍ତମାନ ପ୍ରଶ୍ନ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଛାତ୍ରଛାତ୍ରୀଙ୍କୁ କିଭଳି ମିଳିବ ନ୍ୟାୟ ? ପୂର୍ବରୁ ମେଡ଼ିକାଲ ଶିକ୍ଷା ପାଇଁ ବିଭିନ୍ନ ରାଜ୍ୟରେ ପ୍ରବେଶିକା ପରୀକ୍ଷା ଏବଂ ସର୍ବଭାରତୀୟ କ୍ଷେତ୍ରରେ ଏ.ଆଇ.ପି.ଏମ୍.ଟି ପରୀକ୍ଷା ସମାନ୍ତରାଳ ଭାବେ ଚାଲୁଥିଲା। କିନ୍ତୁ ୨୦୧୬ରୁ ଦେଶବ୍ୟାପୀ ଡାକ୍ତରୀ ଶିକ୍ଷା ପାଇଁ କେନ୍ଦ୍ରୀୟ ପରୀକ୍ଷା ବ୍ୟବସ୍ଥା କରାଯାଇ ନିଟ ପରୀକ୍ଷା ବାଧ୍ୟତାମୂଳକ କରାଯାଇଛି। ଏକ ତଥ୍ୟ ଅନୁଯାୟୀ ୨୦୧୯-୨୫ ମଧ୍ୟରେ ଆମ ଦେଶରେ ପ୍ରାୟତ ୩୮,୦୦୦ ଉର୍ଦ୍ଧ୍ୱ ଶିକ୍ଷାର୍ଥୀ ଆତ୍ମହତ୍ୟା କରିଛନ୍ତି। ଶିକ୍ଷା ବ୍ୟବସ୍ଥାରେ ସାମାଜିକ ଓ ଆର୍ଥିକ ବୈଷମ୍ୟ ହିଁ ଏଥିପାଇଁ ମୂଳତଃ ଦାୟୀ। ଡାକ୍ତରୀ ଶିକ୍ଷାର କେନ୍ଦ୍ରୀକରଣ ଓ ବ୍ୟବସାୟୀକରଣ ହେବା ଦ୍ୱାରା ସଂଘୀୟ ବ୍ୟବସ୍ଥା ବ୍ୟାହତ ହେବା ସହ ଡାକ୍ତରୀ ପେଷାର ମୂଲ୍ୟବୋଧରେ ଅବକ୍ଷୟ ଘଟିଥିବା ମଧ୍ୟ ମତ ପ୍ରକାଶ ପାଇଛି। ୨୦୨୧ ମସିହାରେ ତାମିଲନାଡୁରେ ଏ କେ ରାଜନଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ରିପୋର୍ଟ ଅନୁଯାୟୀ ନିଟ ପରୀକ୍ଷା ଗ୍ରାମାଞ୍ଚଳ ଓ ଗରିବ ପିଲାଙ୍କୁ ଡାକ୍ତରୀ ଶିକ୍ଷାରୁ ବଞ୍ଚିତ କରୁଛି। ଗତ ବର୍ଷ ନିଟ୍ ସମ୍ପର୍କିତ ବିବାଦ ପରେ ପ୍ରଶ୍ନପତ୍ର ପ୍ରଘଟ ନିରୋଧ ଆଇନାନୁସାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଥିଲା। ବିଜ୍ଞପ୍ତି ଅନୁସାରେ, ପ୍ରତ୍ୟେକ ପରୀକ୍ଷା ଓ ପ୍ରବେଶିକା ପରୀକ୍ଷା ପୂର୍ବରୁ ସହଯୋଗୀ ସଂସ୍ଥା, ବ୍ୟକ୍ତିବିଶେଷ, ଅନୁଷ୍ଠାନ ଆଦି ସହ ସମାଲୋଚନା କରି ଏନଆରଏ ଆବଶ୍ୟକ ଗାଇଡ଼ଲାଇନ, ଏସଓପି ଆଦି ପ୍ରସ୍ତୁତ କରିବ। ପ୍ରତି ପରୀକ୍ଷା ପୂର୍ବରୁ ଏହି ଗାଇଡ଼ଲାଇନ, ଏସଓପି ଗୁଡ଼ିକୁ କେନ୍ଦ୍ର ସରକାର ସର୍ବସାଧାରଣରେ ପ୍ରକାଶ କରିବେ। ଏସଓପିରେ ପରୀକ୍ଷା କେନ୍ଦ୍ରର ପ୍ରାକ ନିରୀକ୍ଷଣ, ପରୀକ୍ଷା କେନ୍ଦ୍ର ନିକଟରେ ପ୍ରାର୍ଥୀଙ୍କୁ ଯାଞ୍ଚ, ବାୟୋମେଟ୍ରିକ ପଞ୍ଜୀକରଣ, ସୁରକ୍ଷା ଓ ସ୍କ୍ରିନିଂ ପରୀକ୍ଷା କେନ୍ଦ୍ରରେ ବସିବା ସ୍ଥାନର ବ୍ୟବସ୍ଥା, ପ୍ରଶ୍ନପତ୍ର ସେଟିଂ ଏବଂ ପରୀକ୍ଷା ପରବର୍ତ୍ତୀ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ବିସ୍ତୃତ ନୀତି ରହିବ। ସୁତରାଂ ଏଥିରୁ ଉପଲବ୍ଧ ବିମର୍ଷକର ଉପସଂହାରଟି ହେଲା ଛାତ୍ରଛାତ୍ରୀଙ୍କୁ ଗଢ଼ିବାର ଦାୟିତ୍ୱ ନେଇଥିବା ବ୍ୟକ୍ତି ଓ ଅନୁଷ୍ଠାନଗୁଡ଼ିକ ଅଧଃପତିତ ଏବଂ ଏଭଳି ପରିବେଶରେ ଅନେକ ଛାତ୍ରଛାତ୍ରୀଙ୍କ ନିରନ୍ଧ୍ର ପରିଶ୍ରମ ଅଗତ୍ୟା ନିରର୍ଥକ ହୋଇଯାଏ। ଅପରପକ୍ଷରେ ବ୍ୟୟବହୁଳ ଶିକ୍ଷା ବ୍ୟବସ୍ଥା ଡାକ୍ତରଙ୍କ ସେବା ପରାୟଣତାକୁ କ୍ଷୁର୍ଣ୍ଣ କରୁଛି। ଏହି ଧାରା ଜାରି ରହିଲେ ଭବିଷ୍ୟତରେ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ଏହା ଏକ ବଡ଼ ଆହ୍ୱାନ ସୃଷ୍ଟି କରିବ ।ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଆଗରେ ଦୁଇଟି ପ୍ରଶ୍ନ। ପ୍ରଥମଟି ହେଲା ଏ ବର୍ଷ ନିଟ-ୟୁଜି ପରୀକ୍ଷା ଦେଇଥିବା ପ୍ରାୟ ୨୨ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ପ୍ରତି କିଭଳି ନ୍ୟାୟ କରାଯିବ ? ଯୋଗ୍ୟ ପରୀକ୍ଷାର୍ଥୀ ଓ ସେମାନଙ୍କ ଅଭିଭାବକମାନେ ଏଥିପାଇଁ କି ପ୍ରକାର ମାନସିକ ଚାପରେ ଥିବେ ତାହା ସହଜରେ ଅନୁମେୟ। ଏକ ତ ନିଟ-ୟୁଜି ପରୀକ୍ଷା ପାଇଁ ପିଲାମାନେ ବର୍ଷ ବର୍ଷ ଧରି କୋଚିଂ କ୍ଲାସରେ ନାଁ ଲେଖାଇ ଖର୍ଚ୍ଚାନ୍ତ ହୋଇ ପ୍ରସ୍ତୁତି କରୁଛନ୍ତି। ତାହା ପୁଣି ପରୀକ୍ଷାର୍ଥୀଙ୍କୁ ଯେଭଳି କଠିନ ପ୍ରତିଯୋଗିତା ଓ ମାନସିକ ଚାପର ସମ୍ମୁଖୀନ କରାଉଛି ସେଥିରେ ସହି ନପାରି ଅନେକ ଛାତ୍ର ଆତ୍ମହତ୍ୟା କରୁଛନ୍ତି ଅଥବା କୋଚିଂ ଛାଡ଼ି କଳାଉଛନ୍ତି। ତା ପରେ ଯଦି ପରୀକ୍ଷା ଫଳ ପ୍ରକାଶନ ଓ ପରବର୍ତ୍ତୀ କାଉନସେଲିଂ ପ୍ରକ୍ରିୟା ଏଭଳି ଘୋର ଅନିଶ୍ଚିତତା ମଧ୍ୟରେ ଝୁଲି ରହିବ ତେବେ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ମନସ୍ଥିତି ସହଜେ ଅନୁମେୟ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେଉଁମାନେ ନିଟ ପରୀକ୍ଷା ପରେ ସିୟୁଟି ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଛନ୍ତି ସେମାନଙ୍କର ଗୋଟିଏ ପରୀକ୍ଷା ୧୬ ଓ ୨୬ ତାରିଖରେ ରହିଛି, ଏଭଳି ସ୍ଥିତିରେ ପୁନର୍ବାର ନିଟ ପରୀକ୍ଷା ପାଇଁ ପ୍ରସ୍ତୁତି କଷ୍ଟଦାୟକ ହେବ। ପିଲାମାନେ ଅନେକ ମାନସିକ ଚାପ ସହ ବର୍ଷ ବର୍ଷ ପରିଶ୍ରମ ଯାହା କରିଥାନ୍ତି ଏହାପଛରେ ପରିବାର ଠାରୁ ଶିକ୍ଷକ, ଶୁଭେଚ୍ଛୁଙ୍କ ଠାରୁ କୋଚିଂ କେନ୍ଦ୍ର ଅନେକଙ୍କର ଅନେକ ପ୍ରକାର ଉଦ୍ୟମ ଓ ପ୍ରଚେଷ୍ଟା ରହିଥାଏ। ଦ୍ୱିତୀୟ ପ୍ରଶ୍ନଟି ହେଲା ବର୍ତ୍ତମାନର ନିଟ ପରୀକ୍ଷା ଓ ମୂଲ୍ୟାଙ୍କନ ପ୍ରକ୍ରିୟାରେ କେଉଁଠି ତ୍ରୁଟି ବିଚ୍ୟୁତି ରହୁଛି ତାହା ଅନୁଧ୍ୟାନ କରି ସୁଧାରିବା ପାଇଁ ଯେଉଁ ସାତଜଣିଆ ବିଶେଷଜ୍ଞ କମିଟିକୁ ଦାୟିତ୍ୱ ଦିଆଯାଇଛି ସେମାନେ ମଧ୍ୟ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବା ପାଇଁ ତରବର ନହୋଇ ଆବଶ୍ୟକୀୟ ସମୟ ନେଇ ଅନୁଧ୍ୟାନ ଓ ସୁପାରିସ କରିବା ଆବଶ୍ୟକ। ଏନଟିଏ ସ୍ଥାପନ ହେବା ଦିନଠାରୁ କେତେ ଗୁଡ଼ିଏ ଅଘଟଣ ଘଟୁଥିବାରୁ ସେହି ଅନୁଷ୍ଠାନର କାର୍ଯ୍ୟ ଦକ୍ଷତା ଓ ସାଧୁତା ଉପରେ ସନ୍ଦେହ ଉପୁଜିବା ସ୍ୱାଭାବିକ। ଏ ସବୁ ଅନିୟମିତା, ଅନିଶ୍ଚିତତା, ରାଜନୀତି କୋଳାହଳ ଓ ନ୍ୟାୟିକ ପ୍ରକ୍ରିୟାରେ ପୃଷ୍ଠଭୂମିରେ ଏକ ଦକ୍ଷ, ସ୍ୱଚ୍ଛ ଓ ଛାତ୍ରମଙ୍ଗଳ ଅନୁକୂଳ କେନ୍ଦ୍ରୀୟ ପରୀକ୍ଷଣ ଏଜେନ୍ସିକୁ ଭାଙ୍ଗି ଦେବା ପାଇଁ କୌଣସି ପଦକ୍ଷେପ ନେବା ଉଚିତ ହେବନାହିଁ। ପ୍ରବେଶିକା ପରୀକ୍ଷା ବିକେନ୍ଦ୍ରୀକରଣ ତଥା ଘରୋଇକରଣ ଯେ ସାମ୍ପ୍ରତିକ ସମସ୍ୟାର ସମାଧାନ ନୁହେଁ, ଏକଥା ସମସ୍ତଙ୍କୁ ମନେ ରଖିବାକୁ ହେବ।

ମାନସିକ ରୋଗ ବିଭାଗ, ଦି' ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

ପ୍ରତିଶବ୍ଦ TV

ଭୁବନେଶ୍ୱର, ୯ ଜୁନ୍ ୨୦୨୬

# ଓଡିଶା ଖଣିଜ ସମ୍ପଦରେ ପରିପୂର୍ଣ୍ଣ, ଶ୍ରମିକମାନେ ହିଁ ତାର ମାଲିକ



**ଭୁବନେଶ୍ୱର,୮।୬ :** ଓଡିଶା ଖଣିଜ ସମ୍ପଦରେ ପରିପୂର୍ଣ୍ଣ, କୋଇଲା,ଲୁହା, ବକ୍ସାଇଟ, ମାଙ୍ଗାନିଜ, ଭଳି ଅନେକ ମୂଲ୍ୟବାନ ଖଣିଜ ସମ୍ପଦରେ ଭରା ଓଡିଶା ଏବେ ଦରିଦ୍ର୍ୟ କାହିଁକି କୋଲ ଆଣ୍ଡ ମାଇନିଂ ୱ୍ୱର୍କର ଫେଡେରେଶନର ରାଜ୍ୟ ଅଧ୍ୟକ୍ଷ ସୁଶାନ୍ତ କୁମାର ମହାନ୍ତି କହିଛନ୍ତି। ବୁଦ୍ଧ ମନ୍ଦିରଠାରେ ଓଡିଶା କୋଲ ଆଣ୍ଡ ମାଇନିଙ୍ଗ ୱ୍ୱର୍କର୍ସ ଫେଡେରେସନର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା, ଏହି ଶପଥ କାର୍ଯ୍ୟକ୍ରମରେ ନେସନାଲ କୋଲ ଆଣ୍ଡ ମାଇନିଙ୍ଗ ୱ୍ୱର୍କର୍ସ ଫେଡ୍ରେସନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅର୍ଣ୍ଣବ୍ ଚାଟାର୍ଜୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଥିଲେ ଓଡିଶାରେ ମାଟି ତଳୁ ଖଣି ଖୋଲି ଶ୍ରମିକମାନେ ଦେଶ ଓ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ଘଟାଇବାରେ ମୁଖ୍ୟ ବାହକ ହୋଇଥିବା ବେଳେ ସେମାନଙ୍କ ସୁଖ-ଦୁଃଖ ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେବାର ଆବଶ୍ୟକତା ବୋଲି ମତବ୍ୟକ୍ତ କରିଥିଲେ। ଶ୍ରମିକଙ୍କ ସ୍ୱାର୍ଥ ପାଇଁ କୋଲ ଆଣ୍ଡ ମାଇନିଙ୍ଗ ଫେଡ୍ରେସନ ରାଜ୍ୟରେ ସଙ୍ଗଠନକୁ ସୁଦୃଢ଼ କରିବା ସହ ଶ୍ରମିକଙ୍କ ସ୍ୱାର୍ଥ ପାଇଁ ସଂକଳ୍ପ ବଦ୍ଧ ବୋଲି ଶ୍ରୀ ଚାଟାର୍ଜୀ କହିଥିଲେ। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲୁଥିବା ବେଳେ ଶ୍ରମିକ ଶ୍ରେଣୀଙ୍କ ସାମାଜିକ ଆର୍ଥିକ ଉନ୍ନତି ପାଇଁ ସଙ୍ଗଠନ କାମ କରୁଛି ବୋଲି ସେ କହିଥିଲେ। ରାଜ୍ୟ ଅଧ୍ୟକ୍ଷ ସୁଶାନ୍ତ କୁମାର ମହାନ୍ତିଙ୍କୁ ଭାରତୀୟ ଜନତା ମଜଦୂର ସେଲର ଓଡିଶା ସଭାପତି ଭାବରେ ଶ୍ରୀ ଚାଟାର୍ଜୀ ନିଯୁକ୍ତ କରିଛନ୍ତି। ସୁଶାନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ ରାଜ୍ୟ କମିଟି ଶ୍ରମିକମାନଙ୍କ ଅଧିକାର ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି। ରାଜ୍ୟ ଉପ-ସଭାପତି ଭାବରେ ବିକ୍ରମ କେଶରୀ ଧଳଙ୍କୁ ନିଯୁକ୍ତ କରାଯାଇଛି। ଏଥିସହ ଅର୍ଚ୍ଚନା ମିଶ୍ର,ସୁଜାତା ପରିଡା, ସତ୍ୟବତୀ ବିଶ୍ୱାଳଙ୍କୁ ରାଜ୍ୟକମିଟିରେ କାମ କରିବାକୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ମଜଦୂର ସେଲର ରାଷ୍ଟ୍ରୀୟ ଉପସଭାପତି ଅର୍ମନ ଗାଙ୍ଗୁଲି,ଜାତୀୟ ସଂଯୋଜକ ନିର୍ମଳ ମଣ୍ଡଳ, ଜାତୀୟ କୋଷାଧ୍ୟକ୍ଷ ମଦନ ମୋହନ ପ୍ରଧାନ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ପାଢୀ ପ୍ରମୁଖ ଯୋଗଦେଇ ଶ୍ରମିକଙ୍କ ସ୍ୱାର୍ଥ କାମ କରିବାକୁ ଆହ୍ୱାନ ଦେଇଥିଲେ।

### ଅଣ୍ଡଅଣ୍ଡା ବାରହା ପଥରଠାରେ ମର୍ମନ୍ତୁଦ ସଡକ ଦୁର୍ଘଟଣା

# ପିକଅପ୍ ଓଲଟି ତିନି ମୃତ, ୨୫ରୁ ଉର୍ଦ୍ଧ୍ୱ ଆହତ

**ପାତ୍ରପୁର,୮।୬ :** ଆଜି ପୁଣି ବାରହା ପଥର ନିକଟରେ ବୋଲର ଓଲଟି ବାର ଜଣ ଆହତ ଙ୍କୁ ପ୍ରଥମେ ଜରଡ଼ା ପରେ ପାତ୍ରପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣା ଯାଇଛି। ସେମାନେ ଆନ୍ଧ୍ର ର ମାଳ ବାଦପୁର ଗାଁ ର । ଗତକାଲି ସନ୍ଧ୍ୟାରେ ଗଜପତି ଜିଲ୍ଲା ମହେନ୍ଦ୍ରଗିରି ଠାରେ ଆୟୋଜିତ ମହେନ୍ଦ୍ର ମେଳା ଦର୍ଶନ ସାରି ଫେରିବା ବେଳେ ଜରଡ଼ା ଥାନା ଅନ୍ତର୍ଗତ ଅଣ୍ଡଅଣ୍ଡା ନିକଟରେ ଭାରସାମ୍ୟ ହରାଇ ଗୋଟିଏ ପିକଅପ ଭ୍ୟାନ ଓଲଟି ପଡିଥିଲା । ଫଳରେ ଦୁଇ ଜଣଙ୍କ ମୃତ ଘଟିଥିବା ବେଳେ ୨୫ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ମୃତକ ଦୁଇ ଜଣ ଚିକିଟୀ ବିଜ୍ଞାପିତ ଅଞ୍ଚଳ ପରିଷଦର ଶୁକ୍ରୁ ବେହେରା ଓ କୁନି ବେହେରା। ସେହିପରି ଆହତ ସମସ୍ତେ ଚିକିଟୀ ଏନ୍ଏସି ଅନ୍ତର୍ଗତ ନୂଆଁସାହିର ବାସିନ୍ଦା ବୋଲି ଜଣାପଡ଼ିଛି । ମିଳିଥିବା ସୂଚନା ଅନୁସାରେ ଏକ ପିକଅପ ଭ୍ୟାନରେ ପ୍ରାୟ ୩୦ ରୁ ଉର୍ଦ୍ଧ୍ୱ ଲୋକ ଗଜପତି ଜିଲ୍ଲା ମହେନ୍ଦ୍ରଗିରି ମେଳା ଦର୍ଶନ ସାରି ଫେରିବା ସମୟରେ ଗତକାଲି ସନ୍ଧ୍ୟାରେ ଜରଡ଼ା ଥାନା ଅନ୍ତର୍ଗତ ଅଣ୍ଡଅଣ୍ଡା ନିକଟରେ ଉକ୍ତ ଭ୍ୟାନଟି ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା । ଫଳରେ ପିକଅପ ଭ୍ୟାନରେ ବସିଥିବା ସମସ୍ତ ଯାତ୍ରୀ ଆହତ ହୋଇଥିବା ବେଳେ ଘଟଣା ସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକେ, କିଛି ଯୁବ ଗୋଷ୍ଠୀ, ପୁଲିସ ଓ ଅଗ୍ନିଶମ ଙ୍କ ମିଳିତ



ଚେଷ୍ଟା ସମସ୍ତ ଆହତଙ୍କୁ ଉଦ୍ଧାର କରି ଅଟୋ ଯୋଗେ ପ୍ରଥମେ ଜରଡା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରୁ ସମସ୍ତଙ୍କୁ ପାତ୍ରପୁର ମେଡିକାଲକୁ ବିଭିନ୍ନ ଗାଡ଼ି ମାଧ୍ୟମରେ ପଠାଯାଇଥିଲା । ପରେ ପାତ୍ରପୁର ମେଡ଼ିକାଲରେ ସମସ୍ତ ଆହତ ମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଆହତ ମାନଙ୍କୁ ଆମ୍ବୁଲାନ୍ସ, ସରକାରୀ ଓ କିଛି ବେସରକାରୀ ଯାନବାହନରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ବ୍ରହ୍ମପୁର ମେଡ଼ିକାଲ ଠାରେ ଚିକିତ୍ସାଧିନ ଅବସ୍ଥାରେ ଜଣକର ମୃତ୍ୟୁ ଘଟିଥିବା ଜଣାପଡ଼ିଛି ।ଅନ୍ୟ ପକ୍ଷରେ ସଡ଼କ ଦୁର୍ଘଟଣାଗ୍ରସ୍ତ କଥା ଶୁଣି ସ୍ଥାନୀୟ ଅଞ୍ଚଳର ବହୁ ଯୁବ ଗୋଷ୍ଠୀ, ଚିକିଟୀ ବିଜେଡି ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୂପ ଦେଓ ଓ ପାତ୍ରପୁର ଗ୍ରାମର ବହୁ ସ୍ୱେଚ୍ଛାସେବୀ , ପାତ୍ରପୁର ସରପଞ୍ଚ ପାତ୍ରପୁର ମେଡ଼ିକାଲରେ ପହଞ୍ଚି ଆହତଙ୍କୁ ଚିକିତ୍ସା ଓ ସ୍ଥାନାନ୍ତରରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଜରଡା ପୋଲିସ ପକ୍ଷରୁ ତଦନ୍ତ ଜାରି ରଖିଥିବା ନେଇ ଜରଡା ଥାନା ଅଧିକାରିଣୀ ମିନାକ୍ଷୀ ଦଳବେହେରା ସୂଚନା ଦେଇଛନ୍ତି। ଅନ୍ୟ ପକ୍ଷରେ ଅଣ୍ଡଅଣ୍ଡା ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଦୁଇ ଜଣଙ୍କ ପରିବାର ବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ସହାୟତା ଘୋଷଣା କଲେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

### ସାତକୋଶିଆ ESZ ବିଜ୍ଞପ୍ତି ବିବାଦ

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ୨୦୫ ଗ୍ରାମର ପ୍ରତିନିଧି ଓ ଗ୍ରାମବାସୀ

**ଆଠମଲ୍ଲିକ,୮।୬ :** ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟ ଏବଂ ପ୍ରସ୍ତାବିତ ପରିବେଶ-ସମ୍ବେଦନଶୀଳ କ୍ଷେତ୍ର (ESZ) ର ଚତୁଃପାର୍ଶ୍ୱରେ ଥିବା ୨୦୫ଟି ସନ୍ନିହିତ ଗ୍ରାମର ବାସିନ୍ଦା ଓ ଜନ ପ୍ରତିନିଧିମାନେ ନିଜର ଜୀବିକା ଏବଂ ଅର୍ଥନୈତିକ ସୁରକ୍ଷାକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। କେନ୍ଦ୍ର ପରିବେଶ, ବନ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MOEFCC) ଦ୍ୱାରା ପ୍ରକାଶିତ ପ୍ରସ୍ତାବିତ ଖସଡ଼ା ବିଜ୍ଞପ୍ତିର କେତେକ ଅସ୍ପଷ୍ଟ ତଥା ଜନବିରୋଧୀ ନୀତିକୁ ବିରୋଧ କରି ଆଜି ଶତାଧିକ ସ୍ଥାନୀୟ ପ୍ରତିନିଧି ଅନୁଗୁଳ ଜିଲ୍ଲାପାଳଙ୍କ ଜରିଆରେ କେନ୍ଦ୍ର ସରକାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀମାନେ ସଂରକ୍ଷଣର ବିରୋଧୀ ନୁହନ୍ତି, ବରଂ ନିଜକୁ ପ୍ରକୃତିର 'ପ୍ରଥମ ପ୍ରହରୀ' ବୋଲି ଅଭିହିତ କରିବା ସହ ବିଜ୍ଞପ୍ତିରେ କେତେକ ଜରୁରୀ ସଂଶୋଧନ ପାଇଁ ଦାବି କରିଛନ୍ତି। ଜୀବିକା ଉପରେ କୁଠାରଘାତ ଆଶଙ୍କା ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବିଜ୍ଞପ୍ତିର ଅନୁସୂଚୀ-୧୯ରେ 'ବାଣିଜ୍ୟିକ ନିର୍ମାଣ' ଶବ୍ଦର କୌଣସି ସ୍ପଷ୍ଟ ସଂଜ୍ଞା ନାହିଁ। ଏହାଦ୍ୱାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (SHG) ଦ୍ୱାରା ପରିଚାଳିତ କିଓସ୍କ, ହୋମଷ୍ଟେ, ନୌକା ବିହାର ଏବଂ ସାମୁଦାୟିକ ଭୋଜନାଳୟ ଭଳି କ୍ଷୁଦ୍ର ଜୀବିକା ପ୍ରକଳ୍ପଗୁଡ଼ିକୁ ବନ୍ଦ କରିଦିଆଯିବାର ଭୟ ସୃଷ୍ଟି ହୋଇଛି। ସେହିପରି, ଜୋନାଲ ମାଷ୍ଟର ପ୍ଲାନ (ZMP) ପ୍ରସ୍ତୁତ ନେଇ କୌଣସି ନିର୍ଦ୍ଦିଷ୍ଟ ସମୟସୀମା କିମ୍ୱା ନୋଡାଲ ସଂସ୍ଥା ଚିହ୍ନଟ କରାଯାଇ ନାହିଁ, ଯାହା ସ୍ଥାନୀୟ ବିକାଶକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବାଧାପ୍ରାପ୍ତ କରିବ। ସେହିପରି କେନ୍ଦ୍ର ସରକାରଙ୍କ ଜାତୀୟ ଇକୋ-ଟୁରିଜିମ୍ ନୀତିକୁ ଏହି ବିଜ୍ଞପ୍ତିରେ ଅଣଦେଖା କରାଯାଇଥିବା ବେଳେ ବନ ବିଭାଗ ଓ ପର୍ଯ୍ୟଟନ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଥିବା ନେଇ ସ୍ମାରକପତ୍ରରେ ଦର୍ଶାଯାଇଛି। ୬ଟି ପ୍ରମୁଖ ସଂଶୋଧନ ପାଇଁ ଦାବି ଆନ୍ଦୋଳନ କାରୀ ମାନେ ବିଜ୍ଞପ୍ତିରେ ୬ଟି ନିର୍ଦ୍ଦିଷ୍ଟ ସଂଶୋଧନ ପାଇଁ ଦାବି କରିଛନ୍ତି: ୩୦ ଦିନ ମଧ୍ୟରେ ଷ୍ଟିୟରିଂ କମିଟି ଗଠନ ହେଉ ଓ ୧୨ ମାସରେ ମାଷ୍ଟର ପ୍ଲାନ ପ୍ରସ୍ତୁତ ! ୭୨ ଘଣ୍ଟା ମଧ୍ୟରେ ଅପସାରଣ ଯୋଗ୍ୟ, କାଠ ବାଉଁଶ ନିର୍ମିତ କ୍ଷୁଦ୍ର କାର୍ଯ୍ୟକଳାପକୁ ଅନୁମତି ମିଳୁ। ସରକାରୀ ଯୋଜନା, ମହିଳା ସଙ୍ଗଠନ ଓ ସାମୁଦାୟିକ ଭିତ୍ତିଭୂମିକୁ 'ବାଣିଜ୍ୟିକ' ପରିଭାଷାରୁ ମୁକ୍ତ ରଖାଯାଉ। ସଫାରି, ପ୍ରକୃତି ଭ୍ରମଣ, ହୋମଷ୍ଟେ ଓ ସ୍ଥାନୀୟ ହସ୍ତଶିଳ୍ପକୁ 'ପ୍ରୋତ୍ସାହିତ କାର୍ଯ୍ୟକଳାପ'ରେ ସାମିଲ କରାଯାଉ। ବ୍ୟାଘ୍ର ସଂରକ୍ଷଣ ଯୋଜନା (TCP) ର ବଫର ଜୋନରେ ଚାଲୁଥିବା ସମସ୍ତ ଗତିବିଧିକୁ ଋଜୁ ଅଧୀନରେ ବୈଧ କରାଯାଉ। ସ୍ଥାନୀୟ ପ୍ରସଙ୍ଗରେ ତୁରନ୍ତ ଏକ ଜିଲ୍ଲାସ୍ତରୀୟ ମିଳିତ ଆଲୋଚନା ବୈଠକ ଡକାଯାଉ। ପ୍ରଶାସନକୁ ଚେତାବନୀ: 'ପଲାମୁ' ଭଳି ସ୍ଥିତି ଉପୁଜିବ ଯଦି ସ୍ଥାନୀୟ ଲୋକଙ୍କ ସମସ୍ୟାର ସମାଧାନ ନକରି ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଏ, ତେବେ ସାତକୋଶିଆ ଅଞ୍ଚଳରୁ ବ୍ୟାପକ ସଂଖ୍ୟାରେ ଯୁବପିଢ଼ୀ ଦାଦନ ଖଟିବାକୁ ବାହାରକୁ ପଳାଇବେ। ଏହାସହ ଝାଡ଼ଖଣ୍ଡର 'ପଲାମୁ ବ୍ୟାଘ୍ର ଅଭୟାରଣ୍ୟ' ଭଳି ଏଠାରେ ମଧ ଜନସାଧାରଣ ଓ ପ୍ରଶାସନ ମଧ୍ୟରେ ବିବାଦ ଉଗ୍ର ରୂପ ନେବ ବୋଲି ପ୍ରତିନିଧିମାନେ ଚେତାବନୀ ଦେଇଛନ୍ତି। ଜିଲ୍ଲାପାଳଙ୍କ ଜରିଆରେ ଏହି ଦାବିପତ୍ର ନୂଆଦିଲ୍ଲୀସ୍ଥିତ ଗଡଂଋଉଡ ର ସଚିବ, ଓଡ଼ିଶାର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (PCCF Wildlife) ଏବଂ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି। ସାତକୋଶିଆ ପ୍ରଜା ସୁରକ୍ଷା ସମିତି ସଭାପତି ଜନାର୍ଦ୍ଦନ ସାହୁ, ଟିକରପଡା ସରପଞ୍ଚ ସୌମ୍ୟରଂଜନ ସାହୁ, ପୁରୁଣାକୋଟ ସରପଞ୍ଚ ରଶ୍ମିତା ବିଶୋଇ, ଜଗନ୍ନାଥପୁର ସରପଞ୍ଚ ବନିତା ମହାଳିକ, ସରପଞ୍ଚ ଟାଇଁଶୀ ସୌଦାମିନୀ ପ୍ରଧାନ, ପ୍ରଫୁଲ ଦେହୁରୀ, ଜଗନ୍ନାଥପୁର ଗ୍ରାମ୍ୟ କମିଟି ସଭାପତି ନବକିଶୋର ସାହୁ, ପୁରୁଣାକୋଟ ଗ୍ରାମ୍ୟ କମିଟି ସଭାପତି ବରୁଣ ବିଶୋଇ, ସାତକୋଶିଆ କ୍ଷତିଗ୍ରସ୍ତ ପ୍ରଜା ସୁରକ୍ଷା ସମିତି ଉପସଭାପତି କୀର୍ତ୍ତନ ପ୍ରଧାନ ଇତ୍ୟାଦି ଙ୍କ ନେତୃତ୍ୱରେ ଶତାଧିକ ସାତକୋଶିଆ ଅଞ୍ଚଳ ଗ୍ରାମବାସୀ ଜିଲ୍ଲାପାଳ ଅବଦଲ ଏମ ଅକତାର ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

# ବ୍ରାହ୍ମଣ ସମାଜର ବାର୍ଷିକ ସମ୍ମିଳନୀ



**ଆଠମଲ୍ଲିକ,୮।୬ :** ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଆଠମଲ୍ଲିକ ବୈଦିକ ବ୍ରାହ୍ମଣ ସମାଜ ର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆଠମଲ୍ଲିକ ଶାଖା ସଭାପତି ରାଧାମୋହନ ତ୍ରିପାଠୀ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ସମ୍ମିଳନୀ ରେ ଅତିଥି ଭାବରେ ଅନୁଗୁଳ ବ୍ରାହ୍ମଣ ସମାଜ ର ସମ୍ପାଦକ ତଥା ରାଜ୍ୟ ଉପସଭାପତି ଆର୍ତ୍ତବଲ୍ଲଭ ଦାଶ, ମାଧପୁର ବ୍ରାହ୍ମଣ ସମାଜ ସମ୍ପାଦକ ଗୋପୀନାଥ ତ୍ରିପାଠୀ, ଠାକୁରଗଡ଼ ବ୍ରାହ୍ମଣ ସମାଜ ସଭାପତି ଜମ୍ନେଶ୍ୱର ଶତପଥି, ବଇଣ୍ଡା ବ୍ରାହ୍ମଣ ସମାଜ ସଭାପତି ଅମୀୟ ରଞ୍ଜନ ମିଶ୍ର, ଉପଦେଷ୍ଟା ଭବାନୀ ଶଙ୍କର ମିଶ୍ର ପ୍ରମୁଖ ମଂଚାସୀନ ଥିଲେ । ବ୍ରାହ୍ମଣ ସମାଜ ସଂଗଠିତ ହୋଇ ସଂଗଠନ କୁ ମଜଭୁତ କରି ବିଶ୍ୱ କଲ୍ୟାଣ ପାଇଁ କାର୍ଯ୍ୟ କରିବାକୁ ଅତିଥି ମାନଙ୍କ ଦ୍ୱାରା ଆହ୍ୱାନ ଦିଆ ଯାଇଥିଲା । ପ୍ରାରମ୍ଭ ରେ ସମସ୍ତ ଅତିଥି ଓ ସଭ୍ୟ ମାନେ ପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କୁ ଦର୍ଶନ କରି ଆଶିଷ ଲାଭ କରିଥିଲେ । ଆଠମଲ୍ଲିକ ବ୍ରାହ୍ମଣ ସମାଜ ର ସଭ୍ୟ ବିଶ୍ୱଜିତ ପୁରୋହିତ, ସୀତାଂଶୁ ମିଶ୍ର ବେଦ ପାଠ କରିଥିଲେ। ଆଠମଲ୍ଲିକ ବ୍ରାହ୍ମଣ ସମାଜ ତରଫରୁ ଅତିଥି ମାନଙ୍କୁ ନଡ଼ିଆ, ପଇତା ଓ ଉତ୍ତରୀୟ ଦେଇ ସଂମ୍ମାନିତ କରା ଯାଇଥିଲା । ଆଠମଲ୍ଲିକ ବ୍ରାହ୍ମଣ ସମାଜ ର ଉପଦେଷ୍ଟା ଭବାନୀଶଙ୍କର ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସମ୍ପାଦକ ରଞ୍ଜିତ କୁମାର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଦିବଂଗତ ପ୍ରତିଷ୍ଠାତା ସଭ୍ୟ ମାନଙ୍କ ଅମର ଆତ୍ମା ର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ତତ ପରେ ପ୍ରତିଷ୍ଠାତା ସଭ୍ୟ ସଚ୍ଚିଦାନନ୍ଦ ପାଣିଗ୍ରାହୀ ଓ ରାମାନନ୍ଦ ପାଣିଗ୍ରାହୀ ଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ବ୍ରାହ୍ମଣ ସମାଜ ର ବରିଷ୍ଠ ସଭ୍ୟ ଉଦିପ୍ତ କୁମାର ପୁରୋହିତ ମଞ୍ଚ ପରିଚାଳନା କରିଥିଲେ । ସମସ୍ତ କାର୍ଯ୍ୟକ୍ରମ ରେ ନିରାକାର ମିଶ୍ର,ଦୀପକ ମିଶ୍ର,ସୁନୀଲ କୁମାର ଶାଶନୀ,ସୁଧା ରଞ୍ଜନ ମିଶ୍ର, ଜ୍ୟୋତିନାରାୟଣ ରଥ, ହରି ମହାପାତ୍ର,ସନ୍ତୋଷ ତ୍ରିପାଠୀ,ବିକାଶ ରଥ,ରାଜେଶ ମିଶ୍ର,ସୂର୍ଯ୍ୟନାରାୟଣ ରଥ, କମଳାକାନ୍ତ ମିଶ୍ର,ଅନ୍ୱେଷ କୁମାର ହୋତା ସୀତାଂଶୁ ମିଶ୍ର, ଜିତେନ୍ଦ୍ର ମିଶ୍ର,ଅବିନାଶ ଷଡ଼ଙ୍ଗୀ,ସୁନୀଲ କୁମାର ମିଶ୍ର ଙ୍କ ସମେତ ଆଠମଲ୍ଲିକ ବ୍ରାହ୍ମଣ ସମାଜ ର ବହୁ ସଭ୍ୟ ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ । ଆଠମଲ୍ଲିକ ବ୍ରାହ୍ମଣ ସମାଜ ର ଉପସଭାପତି ସୁବୋଧ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରି ଶାନ୍ତିପାଠ କରିଥିଲେ ।

# ଭୀମ ଆର୍ମୀ ତରଫରୁ S P ଅଫିସ୍ ଘେରାଉ

**କେନ୍ଦ୍ରାପଡ଼ା,୮।୬ :** ଆଜି ତା ୦୬-୦୬-୨୦୨୬ ଦିନ କେନ୍ଦ୍ରାପଡା ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ଙ୍କ ଅଫିସ୍ ଘେରାଉ କରିଛି ଭିମ୍ ଆର୍ମୀ। ଖବର ନେବାରୁ ଯାହା ଜଣାଯାଏ ଗତ ମାସ ରେ କେନ୍ଦ୍ରାପଡ଼ା ଡେରାବିଶ ବ୍ଲକ ଅନ୍ତର୍ଗତ ବସପୁର ଗ୍ରାମ ପଞ୍ଚାୟତର ଭାଣ୍ଡିଲୋ ଗାଁ ର



ମହେନ୍ଦ୍ର ମଳିକ ମୃତ ଶରୀର ଘର ପାଖ ଏକ ପରିତ୍ୟକ୍ତ ସ୍ଥାନରେ ଦେଖିବାକୁ ମିଳିଥିଲା। ସେଠାକାର ପାରିପାର୍ଶ୍ୱିକ ଅବସ୍ଥିତି ଯାହା ସୂଚାଉ ଥିଲା ଏହା ଆତ୍ମହତ୍ୟା ନୁହେଁ ବରଂ ଏହା ଏକ ହତ୍ୟାକାଣ୍ଡ। ଏ ବାବଦରେ ମୃତ ମହେନ୍ଦ୍ର ମଳିକ ର ପରିବାର ଏକ ଲିଖିତ ଅଭିଯୋଗ କେନ୍ଦ୍ରାପଡ଼ା ସଦର ଥାନା ରେ କରିଥିଲେ ସୁଧା ଏହା ସଠିକ୍ ତଦନ୍ତ ନ ହେବାରୁ ଆଜି ଭୀମ ଆର୍ମୀ ତରଫରୁ ନଗେନ୍ଦ୍ର ଜେନା ଙ୍କ ତତ୍ତ୍ୱାବଧାନରେ ଏକ ମହିଳା ମୋର୍ଚ୍ଚା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଙ୍କ ଅଫିସ୍ ଘେରାଉ କରିଥିଲେ।

# ବନବିଭାଗ ଓ ଏନ.ଏ.ସି ର ମିଳିତ ଚାରା ରୋପଣ



**ଆଠମଲ୍ଲିକ,୮।୬ :** ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଏନ. ଏ. ସି ଅନ୍ତର୍ଗତ ତିନି ନମ୍ବର ୱ୍ୱାର୍ଡ ସିଦ୍ଧପୁର ଗ୍ରାମ ରେ ଏନ ଏ ସି ଓ ବନ ବିଭାଗ ତରଫରୁ ଚାରା ରୋପଣ କରା ଯାଇଥିଲା । ଏହି ଚାରା ରୋପଣ କାର୍ଯ୍ୟକ୍ରମ ରେ ଏନ ଏ ସି ଅଧକ୍ଷା ଆଶା କୁମାରୀ ସାହୁ, ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, କାଉନସିଲର ଇବ୍ରାହିମ ଖାଁ, ପୌର କର୍ମଚାରୀ ଡ଼ି ଏମ ଏମ ସୀମା ପ୍ରଧାନ,ଅବିନାଶ ମିଶ୍ର, ରମାକାନ୍ତ ବିଶ୍ୱାଳ, ସଙ୍ଗୀତା ମହାପାତ୍ର,ଏବଂ ବନ ବିଭାଗ ତରଫରୁ ରେଞ୍ଜର ସୁନୀଲ କୁମାର ସାହୁ, ଫରେଷ୍ଟର ସୁବ୍ରତ ଶତପଥି, ପୁଷ୍ପମିତ୍ରା ସିଂ ଓ ସଞ୍ଜୟ ବେହେରା ପ୍ରମୁଖ, ଫରେଷ୍ଟଗାର୍ଡ ପ୍ରବୀଣ ପ୍ରଧାନ ଉପସ୍ଥିତ ଥିଲେ। ଏହି ଚାରା ରୋପଣ ରେ ଅଶୋକ, ଲିମ୍ବ, କରଞ୍ଜ, ରାଧା ଚୁଡା, ଜାମୁ ଓ କାଞ୍ଚନ ଗଛ ର ଚାରା ଲଗା ଯାଇଥିଲା କ୍ଷସେହିପରି ଭାବରେ ବନ ବିଭାଗ ତରଫରୁ ଅନନ୍ତପାଲି ଗ୍ରାମ ନିକଟସ୍ଥ ଖେସେରା ଜଙ୍ଗଲ ରେ ଚାରା ରୋପଣ କରା ଯାଇଥିଲା ।

# ଯୁଗ୍ମ ଶୁଣାଣି ଶିବିର,୧୦୦ ଅଭିଯୋଗ ପଞ୍ଜିକୃତ

**ଆଠମଲ୍ଲିକ,୮।୬ :** ସ୍ଥକ୍ଷନୀୟ ବ୍ଲକ କାର୍ଯ୍ୟାଳୟ ସଭାଗୃହ ପରିସରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଙ୍କ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ରେ ମୋଟ ୧୦୦ ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ୯୨ ବ୍ୟକ୍ତିଗତ, ୩ ସାମୁହିକ, ୩ ଜଣଙ୍କୁ ରେଡ଼କ୍ରସ ଆର୍ଥିକ



ସାହାଯ୍ୟ ଦିଆ ଯାଇଥିଲା । ତନ୍ମଧ ରୁ ୬ ଟି ଅଭିଯୋଗ ର ତୁରନ୍ତ ଫଇସଲା କରା ଯାଇଥିଲା। ଏହି ଶିବିର ରେ ଜିଲ୍ଲାପାଳ ଅବଦଲ ଏମ ଅକତର, ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ, ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦେବଦତ୍ତ ମହନ୍ତ, ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ପ୍ରମୁଖ ମଞ୍ଚାସିନ ଥିଲେ। ରେଡ଼କ୍ରସ ଫଣ୍ଡ ରୁ ମିଳିଥିବା ସୂଚନା ଅନୁଯାଇ ରେଡ଼କ୍ରସ ଫଣ୍ଡ ରୁ ପୁଷ୍ପାଞ୍ଜଳି ସାହୁ ଙ୍କୁ ଦଶ ହଜାର, ଗୌର ରାଜହଂସ ଙ୍କୁ ପାଞ୍ଚ ହଜାର, ଦୀନବନ୍ଧୁ ବୁଡାଇକ ଙ୍କୁ ସାତ ହଜାର ପାଞ୍ଚ ଶହ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଅନୁଗୁଳ ଜିଲ୍ଲା ଶିକ୍ଷାଅଧିକାରୀ ନିରଞ୍ଜନ ସାହୁ,ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ,ତହସିଲଦାର ପ୍ରସନ୍ନ ଟେଟେ, ଏସ ଡ଼ି ପି ଓ ସୁଶାନ୍ତ ତାଉଡ଼ିଆ, ବିଡ଼ିଓ ଟିଟସ ମହାନନ୍ଦିଆ, ଉଦ୍ୟାନ ବିଭାଗ ଅଧିକାରୀ ମୌସୁମୀ ସରପଟିଆ,ସହକାରୀ ଯୋଗାଣ ଅଧିକାରୀ ସତ୍ୟବ୍ରତ ସେଠୀ, ଆଠମଲ୍ଲିକ ଯୋଗାଣ ନିରୀକ୍ଷକ ଆଲିଶା ଟୁବିଟ, ଙ୍କ ସମେତ ବହୁ ଜିଲ୍ଲା ଓ ଉପଖଣ୍ଡସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### ହରିଶ୍ଚନ୍ଦ୍ର ଯୋଜନାରେ ମହାଦୁର୍ନୀତି

# ମୃତ ବ୍ୟକ୍ତିଙ୍କ ଶବସତ୍କାର ପାଇଁ ଆସିଥିବା ଅର୍ଥକୁ ବି ଛାଡିଲେନି

- ହିତାଧିକାରୀଙ୍କୁ ମିଳିନି ସହାୟତା
- ସରକାରୀ ଚାକିରିଆଙ୍କୁ ଯୋଜନାରେ ସାମିଲ କରି ଅର୍ଥ ହଡପ
- ସରକାରଙ୍କୁ ବଦନାମ କରିବାକୁ ପିଇଓ ଓ ଜନପ୍ରତିନିଧିଙ୍କ ଚକ୍ରାନ୍ତ

**ହାଟଡିହି,୮।୬ :** ମୃତ ସମ୍ପର୍କୀୟଙ୍କ ଶେଷକୃତ୍ୟ ସମ୍ପନ୍ନ କରିବାକୁ ଅସମର୍ଥ ଗରିବ ହିତାଧିକାରୀଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବସବାସ କରୁଥିବା ମୃତ ବ୍ୟକ୍ତିଙ୍କ ସମ୍ପର୍କୀୟ ଙ୍କୁ ଯଥାକ୍ରମେ ୩ ହଜାର ଓ ୪ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଗରିବ ଲୋକ ଟି ର ମୃତ୍ୟୁ ପରେ ତା'ର ଶେଷକୃତ୍ୟ ସମ୍ମାନ ର ସମ୍ପନ୍ନ ଉଦ୍ଦେଶ୍ୟରେ ତା'ର ସମ୍ପର୍କୀୟଙ୍କୁ ଏହି ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଆବେଦନକାରୀ ନିଜର ଆଧାରକାର୍ଡ଼ , ଆୟ ପ୍ରମାଣପତ୍ର, ଫଟୋ, ମୋବାଇଲ୍ ନଂ, ସ୍ଥାୟୀ ବାସସ୍ଥାନ ପ୍ରମାଣପତ୍ର, ରାସନ୍ କାର୍ଡ଼ ସହ ସମ୍ପର୍କୀୟଙ୍କ ମୃତ୍ୟୁର ୧୫ ଦିନ ମଧ୍ୟରେ ପଞ୍ଚାୟତ କାର୍ଯ୍ୟାଳରେ ଆବେଦନ କରିବାର ନିୟମ ରହିଛି । ହରିଶ୍ଚନ୍ଦ୍ର ସହାୟତା ତୁରନ୍ତ ଯୋଗାଇ ଦେବା ନିମନ୍ତେ ଓଡିଶାର ପ୍ରତ୍ୟେକ ଗ୍ରାମପଞ୍ଚାୟତ ରେ ୧୫ ହଜାର ଟଙ୍କା ଲେଖାଏଁ କ୍ରାନ୍ତି ପାଣ୍ଠି ଭାବେ ମହଜୁଦ ରହିଅଛି । ସରପଞ୍ଚ ମାନେ ଉକ୍ତ ପାଣ୍ଠିରୁ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଥମେ ଆର୍ଥିକ ସହାୟତା ପ୍ରଦାନ କରି ୧୫ ଦିନ ମଧ୍ୟରେ ଅନଲାଇନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ସାହାଯ୍ୟ ପାଣ୍ଠିରୁ ପଞ୍ଚାୟତର ବ୍ୟାଙ୍କଖାତା କୁ ଭରଣା କରିବା ପାଇଁ ନିର୍ଦ୍ଦେଶନାମା ରହିଅଛି । ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ରୁ ଅର୍ଥ ମିଳିସାରିଥିଲେ ମଧ୍ୟ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏହି ଅର୍ଥ ମୃତକଙ୍କ ସମ୍ପର୍କୀୟଙ୍କୁ ପ୍ରଦାନ ନକରି ହଡପ କରିଥିବା ଅଭିଯୋଗ ହୋଇଛି । ସମସ୍ତ ସରକାରୀ ନିୟମକୁ ବେଖାତିର କରି କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ଶାଳଣିଆଁ ଗ୍ରାମ ପଞ୍ଚାୟତ ର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସରପଞ୍ଚ ସରକାରୀ ଅର୍ଥ ହଡ଼ପ୍ କରିଥିବା ଅଭିଯୋଗ ହୋଇଛି । ଦୀର୍ଘ ମାସ ପରେ ଏହି ସହାୟତା ରାଶି ନମିଳିବାରୁ ମୃତକଙ୍କ ସମ୍ପର୍କୀୟ ମାନେ ବାରମ୍ୱାର ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ତୁମ ଟଙ୍କା ଆସିନାହିଁ, ଯେତେବେଳେ ଆସିବ ତୁମକୁ ଦିଆଯିବ କହି ଦିନ ଗଡ଼ାଇ ଚାଲିଥିଲେ । କିନ୍ତୁ, ହରିଶ୍ଚନ୍ଦ୍ର ସହାୟତା ଯୋଜନା ର ସରକାରୀ ୱେବସାଇଟ ରୁ ଦୁର୍ନୀତି ର ପର୍ଦାଫାଶ ହୋଇଛି । କାହାର ୪ ମାସ ତ କାହାର ୩ ମାସ ପୂର୍ବରୁ ହରିଶ୍ଚନ୍ଦ୍ର ସହାୟତା ରାଶି ଉଠାଯାଇଥିଲେ ମଧ୍ୟ ଏହି ଅର୍ଥ ହିତାଧିକାରୀଙ୍କୁ ଏପର୍ଯ୍ୟନ୍ତ ପ୍ରଦାନ କରାଯାଇନାହିଁ । ସେହିପରି ଅଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇ ଅର୍ଥ ପ୍ରଦାନ କରାଯାଇଛି ।

ସୂଚନା ଅନୁଯାଇ ଶାଳଣିଆଁ ଗ୍ରାମ ପଞ୍ଚାୟତରେ ୨୦୨୬ ମସିହା ଜାନୁଆରୀ ମାସ ୧ ତାରିଖରୁ ଏଯାବତ ୧୩ ଜଣ ମୃତ ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କୁ ହରିଶ୍ଚନ୍ଦ୍ର ଯୋଜନା ରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ସରକାରୀ କାଗଜପତ୍ର ରେ ଦର୍ଶାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ହିତାଧିକାରୀଙ୍କୁ ସେମାନଙ୍କର ଟଙ୍କା ପ୍ରଦାନ କରାଯାଇନାହିଁ । ଶାଳଣିଆଁ ଗ୍ରାମର କୃଷ୍ଣଚନ୍ଦ୍ର ଶଙ୍ଖୁଆ ଙ୍କ ମୃତ୍ୟୁ ପରେ ପୁଅ ଅମୁଲ୍ୟ ଶଙ୍ଖୁଆଙ୍କୁ ହରିଶ୍ଚନ୍ଦ୍ର ଯୋଜନା ରେ ୧୫.୦୪.୨୦୨୬ ରିଖ ରେ ୩ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ଦର୍ଶାଇ ଟଙ୍କା ଉଠାଯାଇଥିଲେ ମଧ୍ୟ ଅମୁଲ୍ୟଙ୍କୁ ହରିଶ୍ଚନ୍ଦ୍ର ଟଙ୍କା ପ୍ରଦାନ କରାଯାଇ ନାହିଁ । ସେହିପରି ବିଷ୍ଣୁପୁର ଗ୍ରାମର ସୁଶାନ୍ତ କୁମାର ଯେନାଙ୍କ ଏକମାତ୍ର



ପୁତ୍ର ସାଇ ପ୍ରକାଶ ଯେନା (୧୩) ସୁନ୍ଦରପାଳସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ଜଳକଳଙ୍ଗ ଗ୍ରାମରେ ଥିବା ଏକ ଘରୋଇ କୋଚିଙ୍ଗ ସେଣ୍ଟରର ହଷ୍ଟେଲରେ ରହୁଥିଲେ । ୨୦୨୫ ମସିହା ସେପ୍ଟେମ୍ବର ୩୦ ତାରିଖ ହଷ୍ଟେଲ ପାଖରେ ଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା । ସୁଶାନ୍ତ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସେ ହରିଶ୍ଚନ୍ଦ୍ର ସହାୟତା ପାଇଁ ପଞ୍ଚାୟତରେ ଆବେଦନ କରିଥିଲେ । ସରକାରୀ ନିୟମ ଅନୁଯାଇ ଯୋଗ୍ୟ ହିତାଧିକାରୀଙ୍କୁ ସମ୍ପର୍କୀୟଙ୍କ ମୃତ୍ୟୁ ପରେ ଅବିଳମ୍ବେ ୩ ହଜାର ଟଙ୍କା ପ୍ରଦାନ କରିବା କଥା କିନ୍ତୁ ସୁଶାନ୍ତ ଙ୍କୁ ସହାୟତା ପ୍ରଦାନ କରାଗଲା ନାହିଁ । ପରବର୍ତ୍ତୀ ସମୟରେ (୧୫.୦୪.୨୦୨୬) ରାଜ୍ୟ ସରକାରଙ୍କ ପକ୍ଷରୁ ପଞ୍ଚାୟତକୁ ଉକ୍ତ ଅର୍ଥ ପ୍ରଦାନ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସୁଶାନ୍ତଙ୍କୁ ହରିଶ୍ଚନ୍ଦ୍ର ସହାୟତା ରାଶି ପ୍ରଦାନ କରାଯାଇନଥିବା ସେ ଅଭିଯୋଗ କରିଛନ୍ତି । ଶାଳଣିଆଁ ଗ୍ରାମର ଆଖଜି ଯେନାଙ୍କ ପରିବାରକୁ ଏପର୍ଯ୍ୟନ୍ତ ୩ ହଜାର ଟଙ୍କା ପ୍ରଦାନ କରାଯାଇନଥିବା ବେଳେ ତାଙ୍କ ନାତି ଚିତ୍ତରଞ୍ଜନ ଯେନାଙ୍କୁ ୨୪.୦୨.୨୦୨୬ ରେ ହରିଶ୍ଚନ୍ଦ୍ର ଅର୍ଥ ପ୍ରଦାନ କରାଯାଇଥିବା ଦର୍ଶାଇ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଉକ୍ତ ଅର୍ଥକୁ ହଡ଼ପ କରିଥିବା ଜଣାପଡିଛି । ଉକ୍ତ ପଞ୍ଚାୟତର ବ୍ରାହ୍ମଣୀକାଳ ଗ୍ରାମର ପରୀକ୍ଷିତ ସ୍ୱାଇଁଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ଟିପୁ ସ୍ୱାଇଁଙ୍କୁ ହରିଶ୍ଚନ୍ଦ୍ର ସହାୟତା ରାଶି ପ୍ରଦାନ କରାଯାଇଥିବା ଦର୍ଶାଯାଇଛି । ପରୀକ୍ଷିତ ସ୍ୱାଇଁ ସରକାରୀ ଶିକ୍ଷକ ଭାବେ କର୍ଯ୍ୟକରୀ ଅବସର ଗ୍ରହଣ କରିଥିଲେ, ତେଣୁ ନିୟମ ଅନୁଯାଇ ତାଙ୍କ ସମ୍ପର୍କୀୟ ଏହି ଯୋଜନାରେ ସହାୟତା ପାଇବାପାଇଁ ଅଯୋଗ୍ୟ ଅଟନ୍ତି । କିନ୍ତୁ, ଜଣେ ଅଯୋଗ୍ୟ ହିତାଧିକାରୀଙ୍କୁ କିଏ ଯୋଗ୍ୟ ଦର୍ଶାଇ ତାଙ୍କୁ ହରିଶ୍ଚନ୍ଦ୍ର ସହାୟତା ରାଶି ପ୍ରଦାନ କଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରକାଶ ଥାଉକି ୨୦୨୨ ମସିହାରେ ହାଟଡିହି ବ୍ଲକ ବାଲିବରେଇ ପଞ୍ଚାୟତର ହରିଶ୍ଚନ୍ଦ୍ର ଅର୍ଥ ହଡପ ଅଭିଯୋଗରେ ତତ୍କାଳୀନ କାର୍ଯ୍ୟନିର୍ବାହୀ ଅଧିକାରୀ ନରହରି ନାୟକ ଜେଲ ଯିବା ସହ ଚାକିରିରୁ ନିଲମ୍ବିତ ହୋଇଥିଲେ । ସରପଞ୍ଚ ଓ ଗ୍ରାମରୋଜଗାର ସେବକଙ୍କ ବିରୁଦ୍ଧରେ ସୋସ ଥାନାରେ ମାମଲା ରୁଜୁ ହୋଇଥିଲା । ତେଣୁ ଏହି ଦୁର୍ନୀତି ରେ ସମ୍ପୃକ୍ତ ଥିବା ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ହିତାଧିକାରୀଙ୍କୁ ସେମାନଙ୍କ ସହାୟତା ରାଶି ପ୍ରଦାନକରିବାକୁ ସାଧାରଣରେ ଦାବି ହୋଇଛି ।

### ପ୍ରଶାସନିକ ଅବହେଳାର ଶିକାର ବୟସ୍କ

# ହକ୍‌ରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀ

● ଦାରିଦ୍ର୍ୟ ସହ ଲଢୁଛନ୍ତି, ଭତ୍ତା ପାଇଁ ଚାହିଁ ରହିଛନ୍ତି ବୃଦ୍ଧ ବୃଦ୍ଧା



**ସେମିଳିଗୁଡା ବ୍ଲକ ପାଖଝୋଲା ଗାଁରେ ୧୦ରୁ ୧୫ ଜଣ ଯୋଗ୍ୟ ବୟସ୍କ ଭତ୍ତାରୁ ବଞ୍ଚିତ; ଶୀଘ୍ର ସହାୟତାର ପ୍ରତିଶ୍ରୁତି ଦେଲା ପ୍ରଶାସନ**

**କୋରାପୁଟ,୮।୬ :** କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ ଅନ୍ତର୍ଗତ ପାଖଝୋଲା ଗ୍ରାମରେ ସାମ୍ନାକୁ ଆସିଛି ସରକାରୀ ଭତ୍ତା ବଣ୍ଟନ ବ୍ୟବସ୍ଥାର ଏକ ଚିନ୍ତାଜନକ ଚିତ୍ର। ସରକାର ବୃଦ୍ଧ ବୃଦ୍ଧାଙ୍କ ସାମାଜିକ ସୁରକ୍ଷା ପାଇଁ ବିଭିନ୍ନ ଭତ୍ତା ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ, ଏହି ଦୁର୍ଗମ ଆଦିବାସୀ ଗାଁର ଅନେକ ଯୋଗ୍ୟ ବୟସ୍କ ଆଜି ମଧ୍ୟ ଭତ୍ତା ସୁବିଧାରୁ ବଞ୍ଚିତ ରହିଛନ୍ତି। ଗାଁର ଲୋକମାନେ ମୁଖ୍ୟତଃ ଦୈନନ୍ଦିନ ମଜୁରୀ ଉପରେ ନିର୍ଭରଶୀଳ। ବୟସ ବଢ଼ିବା ସହିତ ବିଭିନ୍ନ ରୋଗରେ ପୀଡ଼ିତ ହେଲେ ମଧ୍ୟ ସେମାନଙ୍କ ପାଖରେ ନିୟମିତ ଆୟର କୌଣସି ଉତ୍ସ ନାହିଁ। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ପ୍ରାୟ ୧୦ରୁ ୧୫ ଜଣ ଯୋଗ୍ୟ ବୃଦ୍ଧ ବୃଦ୍ଧା ଏପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ପାଇନାହାନ୍ତି। ଭତ୍ତା ପାଇବା ପାଇଁ ସେମାନେ ବାରମ୍ବାର ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇନାହିଁ। ଅନଲାଇନ୍ ଆବେଦନ, ଡାକ୍ତରୀ ପ୍ରମାଣପତ୍ର ଓ ଅନ୍ୟାନ୍ୟ ପ୍ରକ୍ରିୟା ପାଇଁ ଅର୍ଥ ବ୍ୟୟ କରିଥିଲେ ମଧ୍ୟ ସେମାନଙ୍କ ନାମ ତାଲିକାରେ ସାମିଲ ହୋଇପାରିନାହିଁ। ଫଳରେ ଚିକିତ୍ସା ଓ ଜୀବନ ନିର୍ବାହ ନେଇ ସେମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଗ୍ରାମବାସୀ ଓ ବୁଦ୍ଧିଜୀବୀମାନେ ପ୍ରଶାସନିକ ଅବହେଳା ଅଭିଯୋଗ ଆଣିଛନ୍ତି। ତେବେ ସେମିଳିଗୁଡା ବିଡିଓ ଜସ୍ମିନ କୁମାର ପ୍ରଧାନ କହିଛନ୍ତି ଯେ, ଅଭିଯୋଗର ଯାଞ୍ଚ କରାଯିବ ଏବଂ କୌଣସି ଯୋଗ୍ୟ ବ୍ୟକ୍ତି ଭତ୍ତାରୁ ବଞ୍ଚିତ ରହିବେ ନାହିଁ। ଯୋଗ୍ୟ ହିତାଧିକାରୀଙ୍କୁ ଶୀଘ୍ର ଯୋଜନାରେ ସାମିଲ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ବର୍ତ୍ତମାନ ପ୍ରଶ୍ନ ଉଠୁଛି, ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାର ସୁଫଳ ପ୍ରକୃତ ହିତାଧିକାରୀଙ୍କ ପାଖରେ କେବେ ପହଞ୍ଚିବ। ପ୍ରଶାସନର ପ୍ରତିଶ୍ରୁତି କେବେ ବାସ୍ତବ ରୂପ ନେବ ଓ ଦୀର୍ଘ ଦିନ ଧରି ଅପେକ୍ଷାରେ ଥିବା ବୃଦ୍ଧ ବୃଦ୍ଧାମାନେ କେବେ ସେମାନଙ୍କ ହକ୍‌ର ଭତ୍ତା ପାଇବେ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

● ବିଦ୍ୟୁତ ତାର ଚୋରୀ ମାମଲାରେ ପୋଲିସକୁ ବଡ଼ ସଫଳତା

# ୨ ଚୋର ସହିତ ୨ କବାଡିଆ ଗିରଫ



**ବାସୁଦେବପୁର,୮।୬ :** ଭଦ୍ରକ ଜିଲ୍ଲା ବାସୁଦେବପୁର ବିଦ୍ୟୁତ ବିଭାଗ ଅଧିନରେ ଥିବା ବିଭିନ୍ନ ସ୍ଥାନରୁ ବିଦ୍ୟୁତ ତାର ଚୋରି ହେଉଥିବା ବିଭିନ୍ନ ସମୟରେ ବିଦ୍ୟୁତ ବିଭାଗ ପକ୍ଷରୁ ଅଭିଯୋଗ ହେଉଥିଲା। କିଛି ଦିନ ତଳେ ପାରାପୋଖରୀ ଛକ ନିକଟରେ ୩୩ କେଭି ବିଦ୍ୟୁତ୍ ତାର ଚୋରି ଘଟଣାରେ ସ୍ଥାନୀୟ ଲୋକଙ୍କ ରାସ୍ତାରୋକ କରାଯାଇଥିଲା। ବିଭିନ୍ନ ସମୟରେ ବିଦ୍ୟୁତ ତାର ଚୋରି ଘଟଣାରେ ବାସୁଦେବପୁର ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ବାସୁଦେବପୁର ସଦର ଏସଡିପିଓ ବିଚିତ୍ରାନନ୍ଦ ସେଠୀ ଙ୍କ ତତ୍ତ୍ୱାବଧାନରେ ପୋଲିସ ର ସ୍ୱତନ୍ତ୍ର ଟିମ୍ ବିଦ୍ୟୁତ ତାର ଚୋରକୁ ଧରିବାରେ ସକ୍ଷମ ହୋଇଥିଲେ। ଏଥିସହିତ ବିଦ୍ୟୁତ ତାର ଚୋରୀ ମାମଲାରେ ଚାରି ଜଣକୁ ବାସୁଦେବପୁର ପୁଲିସ ଗିରଫ କରିବା ସହିତ ୨ ବିଡା ୧୧ କେଭିର ବିଦ୍ୟୁତ ତାର ଏବଂ ଚୋର ମାନେ ଚୋରି ସମୟରେ ବ୍ୟବହାର କରିଥିବା ଏକ ପିକଅପ ଭ୍ୟାନ୍ ଏବଂ ଏକ ତାଲା ଅଟୋ ଘଟଣାସ୍ଥଳରୁ ଜବତ୍ କରିଛି । ଗିରଫ ହୋଇଥିବା ଅଭିଯୁକ୍ତ ମାନେ ହେଲେ ରାଧନାଥପୁର ମନ୍ଦାରୀ ଗ୍ରାମର ଶଙ୍କୁରୁ ମଳିକ, ଚୁଡାମଣି ଗ୍ରାମର ଅନୀଲ କୁମାର ମହାଳିକ, ସୁକଦେବପୁରର କାଜିମ ଖାନ, ହଳଦିଡିହ ପଠାଣମହଲାର ଅବଦୁଲ ରେହେମାନ। ବାସୁଦେବପୁର ପୋଲିସ କେଶ ନମ୍ବର ୩୪୧ /୨୦୨୬ ରେ ଏକ ମାମଲା ରୁଜୁ କରିବା ସହିତ ଚାରି ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛନ୍ତି । ଏହି ବିଦ୍ୟୁତ୍ ତାର ଚୋରି ଘଟଣାରେ ବାସୁଦେବପୁର ପୋଲିସ ପକ୍ଷରୁ ଏକ ସମ୍ବାଦ ଦାତା ସମ୍ମିଳନୀ ରେ ସଦର ଏସଡିପିଓ ବିଚିତ୍ରାନନ୍ଦ ସେଠୀ ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ପଦ୍ମପୁର ଗ୍ରାମର କୃଷ୍ଣଚନ୍ଦ୍ର ଧୂପାଳ ଲିଖିତ ଅଭିଯୋଗ କରିଥିଲେ ଯେ ସେ ଲିଫ୍ଟ ଜଳସେଚନ ବିଭାଗ ଅଧୀନରେ ଠିକାଦାର ଭାବରେ କାମ କରୁଛନ୍ତି। ସେ ଶୁଭେନ୍ଦୁ ପଣ୍ଡାଙ୍କ ଘରେ ରହି ଉକ୍ତ ଘରେ ସାମଗ୍ରୀ ରଖି ବିଦ୍ୟୁତ ବିଭାଗ ଅଧୀନରେ ବୈଦ୍ୟୁତିକ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ଗତ ଦୁଇ ତାରିଖ ରାତିରେ ତାଙ୍କ କର୍ମଚାରୀମାନେ ଶୁଭେନ୍ଦୁ ପଣ୍ଡାଙ୍କ ଘରେ ବାରଣ୍ଡାରେ ବିଶ୍ରାମ ନେଉଥିଲେ ଏବଂ ସେହି ରାତିରେ କିଛି ଅପରାଧୀ କବାଟ ଭାଙ୍ଗି ଶୁଭେନ୍ଦୁ ପଣ୍ଡାଙ୍କ ଘରୁ ୧୧ କେଭି କଣ୍ଡକ୍ଟର ବିଦ୍ୟୁତ୍ ତାରର ୨ ବଣ୍ଡଲ ଚୋରି କରିଥିବା ଅଭିଯୋଗରେ ଦର୍ଶାଇ ଥିଲେ। ଏସଡିପିଓ ଙ୍କ ସୂଚନା ମୁତାବକ ବିଦ୍ୟୁତ୍ ତାର ଚୋରି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ମାନେ ଫେରାର ହୋଇଯାଇଛନ୍ତି। ପରବର୍ତ୍ତୀ ସମୟରେ ତଦନ୍ତ କରାଯାଇ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ଦେଇଛନ୍ତି।

## ସବଡେଗା ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



**ବଣାଇ,୮।୬ :** ସୁନ୍ଦରଗଡ ଜିଲ୍ଲା ସବଡେଗା ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୬୧ ଗୋଟି ଅଭିଯୋଗ ରହିଥିଲା। ସେଥି ମଧ୍ୟରୁ ୩୬ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨୪ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ଗୋଟିଏ ଅଭିଯୋଗ ର ତତ୍କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ଗୋଟିଏ ଆବେଦନ ରହିଥିଲା। ଆଜିର ଏହି ଅଭିଯୋଗ ଶୁଣାଣି ରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଶ୍ରୀମତୀ ତେଜସ୍ୱିନୀ ବେହେରା , ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ନୂତନ ସାମଦ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

## ବେଆଇନ ମଦ କାରବାର ଉପରେ ଚଢ଼ଉ, ୧୭.୫୮୦ ଲିଟର ମଦ ଜବତ

**ଜଗତସିଂହପୁର,୮।୬ :** ବେଆଇନ ମଦ କାରବାର ବିରୋଧରେ ତିର୍ତ୍ତୋଲ ପୁଲିସର କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ଗତ ୫ ଜୁନ ସନ୍ଧ୍ୟାରେ ପାଟ୍ରୋଲିଂ ସମୟରେ ତିର୍ତ୍ତୋଲ ପୁଲିସ ଏକ ବକାରୀ ମାମଲା ଠାବ କରି ବଡ଼ ପରିମାଣର ବେଆଇନ ମଦ ଜବତ କରିଛି। ଏହି ଅଭିଯାନରେ ୧୭.୫୮୦ ଲିଟର ବିଦେଶୀ ଓ ଦେଶୀ ମଦ ଜବତ ହୋଇଥିବା ବେଳେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ବଡିଲୋ ଗ୍ରାମର ଗୌରହରି ଦାସଙ୍କ ପୁଅ ଗତାନାଥ ଦାସଙ୍କ ନିକଟରୁ ଏହି ବେଆଇନ ମଦ ଜବତ କରାଯାଇଥିଲା। ମଦଗୁଡ଼ିକୁ ଅବୈଧ ଭାବେ ମହଜୁଦ ରଖି ବିକ୍ରି କରାଯିବାକୁ ଯୋଜନା ଥିବା ସନ୍ଦେହ କରାଯାଉଛି।




ଘଟଣାରେ ତିର୍ତ୍ତୋଲ ଥାନାରେ କେସ୍ ନମ୍ବର ୨୯୭/୨୦୨୬ ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି। ଗିରଫ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖିବା ପରେ ଆଇନଗତ ପ୍ରକ୍ରିୟା ସମାପ୍ତ କରି ସ୍ଥାନୀୟ ଅଦାଲତକୁ ଚାଲାଣ କରାଯାଇଛି। ବେଆଇନ ମଦ ବ୍ୟବସାୟ ଉପରେ ଅଙ୍କୁଶ ଲଗାଇବା ଓ ସାଧାରଣ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆଗାମୀ ଦିନରେ ମଧ୍ୟ ଏଭଳି ଚଢ଼ାଉ ଓ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ ଜାରି ରହିବ ବୋଲି ତିର୍ତ୍ତୋଲ ପୁଲିସ ପକ୍ଷରୁ କୁହାଯାଇଛି।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଓ ଏସଆଇଆର ସଚେତନତା



**ଚିକିଟୀ,୮।୬ :** ଗଞ୍ଜାମ ଜିଲ୍ଲା ଚିକିଟୀ ବ୍ଲକ କଳ ବାଡ଼ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବର ଓ ସ୍ୱତନ୍ତ୍ର ସଘନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର, ଚିକିଟୀ ତହସିଲଦାର ବିଶ୍ୱ ରଞ୍ଜନ କହଁର, ବିଡ଼ିଓ ବିବେକାନନ୍ଦ ମିଶ୍ର, ଏବିଡ଼ିଓ ଚକ୍ରଧର ପ୍ରଧାନ, ସିଡିପିଓ ଭି ମଣିମାଳା, ସ୍ଥାନୀୟ ସରପଞ୍ଚ ମିନତୀ ପଣ୍ଡା ପ୍ରମୁଖ ଙ୍କ ସମେତ ବହୁ ଛାତ୍ର ଛାତ୍ରୀ ଓ ଅଙ୍ଗନବାଡି କର୍ମୀ ଉପସ୍ଥିତ ରହି ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଏକ ରାଲିରେ ବାହାରି କଳବାଡ଼ ଗ୍ରାମରେ ଘରକୁ ଘର ବୁଲି ସ୍ୱତନ୍ତ୍ର ସଘନ କାର୍ଯ୍ୟକ୍ରମ ରେ ସକ୍ରିୟ ଅଂଶ ଗ୍ରହଣ କରିବା ଲାଗି ଲୋକ ମାନଙ୍କୁ ଉତ୍ସାହିତ କରିଥିଲେ। ଏହାପରେ ପଞ୍ଚାୟତ କାର୍ଯ୍ୟାଳୟ ରେ ଆୟୋଜିତ ଅଭିଯୋଗ ଶୁଣାଣି ଶିବିର ରେ ଯୋଗଦେଇ ଅଭିଯୋଗ ଶୁଣିଥିଲେ। ଶିବିର ୧୩ ଗୋଟି ଅଭିଯୋଗ ର ଶୁଣାଣି ହୋଇଥିବା ବେଳେ ତୁରନ୍ତ ସମାଧାନ ଲାଗି ଉପ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପିଇଓ ବିଷ୍ଣୁ ପ୍ରସାଦ ପାଢ଼ୀ ଶିବିର କୁ ପରିଚାଳନା କରିଥିଲେ।

## ଧାନ ମଣ୍ଡିକୁ ଗାଡ଼ି ଯୋଗାଇବେ ବିଧାୟକ ତାରା, ଚାଷୀଙ୍କୁ ଦେଲେ ପ୍ରତିଶ୍ରୁତି



**କୋରାପୁଟ,୮।୬ :** ଜୟପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବୋରିଗୁମ୍ମା ବ୍ଲକର କାମତା ଗ୍ରାମରେ ଧାନ ମଣ୍ଡି ଓ ଧାନ କ୍ରୟ କେନ୍ଦ୍ରର ଉଦ୍ ?ଘାଟନ କରିଛନ୍ତି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି। ଏହି ଅବସରରେ ସେ ଚାଷୀଙ୍କ ସମସ୍ୟା ସମାଧାନ ଓ ଧାନ କ୍ରୟ ବ୍ୟବସ୍ଥାକୁ ନେଇ ଅନେକ ଘୋଷଣା କରିଥିଲେ। ବିଧାୟକ କହିଥିଲେ ଯେ, ଯଦି ମିଲରମାନେ ଚାଷୀଙ୍କ ଧାନ ପରିବହନ ପାଇଁ ମଣ୍ଡିକୁ ଗାଡ଼ି ପଠାଇବାରେ ବିଫଳ ହୁଅନ୍ତି, ତେବେ ଚାଷୀମାନେ ସିଧାସଳଖ ତାଙ୍କୁ ଜଣାଇପାରିବେ। ସେ ନିଜେ ଗାଡ଼ିର ବ୍ୟବସ୍ଥା କରି ଚାଷୀଙ୍କ ଧାନ ମଣ୍ଡିକୁ ପହଞ୍ଚାଇବାରେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେ ଆହୁରି କହିଥିଲେ ଯେ, ସରକାର ସମସ୍ତ ଚାଷୀଙ୍କ ଧାନ କ୍ରୟ କରିବେ ଏବଂ ମଣ୍ଡିରେ ନିର୍ଦ୍ଧାରିତ କଟଣି-ଛଟଣି ବ୍ୟତୀତ ଅନ୍ୟ କୌଣସି ଅତିରିକ୍ତ କଟଣି କରାଯିବ ନାହିଁ। ଚାଷୀଙ୍କ ପରିଶ୍ରମର ଉଚିତ ମୂଲ୍ୟ ମିଳିବା ସହ ଧାନ ବିକ୍ରୟ ପ୍ରକ୍ରିୟାକୁ ସହଜ, ସ୍ୱଚ୍ଛ ଓ ସୁବିଧାଜନକ କରିବା ଦିଗରେ ଏହି ଧାନ କ୍ରୟ କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ସେ କହିଥିଲେ। ଚାଷୀଙ୍କ ସମୃଦ୍ଧି ହିଁ ଅଞ୍ଚଳର ବିକାଶର ମୂଳ ଆଧାର ବୋଲି ଉଲ୍ଲେଖ କରି ବିଧାୟକ ତାରାପ୍ରସାଦ ବାହିନୀପତି କହିଥିଲେ ଯେ, ଚାଷୀଙ୍କ ସ୍ୱାର୍ଥ, ଅଧିକାର ଓ ଉନ୍ନତି ପାଇଁ ତାଙ୍କର ସଂଗ୍ରାମ ଏବଂ ପ୍ରୟାସ ଆଗାମୀ ଦିନରେ ମଧ୍ୟ ଜାରି ରହିବ। ଏହି ଉଦ୍ ?ଘାଟନୀ କାର୍ଯ୍ୟକ୍ରମରେ ବୋରିଗୁମ୍ମା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପୋଟ୍ଟନାୟ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଜିଲ୍ଲା ପରିଷଦ ସଭ୍ୟ ପିଙ୍କୁ କୁମାର ଶତପଥି ଓ ବହୁ ଚାଷୀ ମିଲେର ଓ ସ୍ଥାନୀୟ ଜନପ୍ରତିନିଧି ଉପସ୍ଥିତ ଥିଲେ।

## ବିଲରୁ ଶବ ଉଦ୍ଧାର କରିଛି ଜରଡା ପୋଲିସ

### ଅଂଶୁଘାତରେ ମୃତ୍ୟୁ ଘଟିଥିବା ଆଶଙ୍କା



**ପାତ୍ରପୁର,୮।୬ :** ଜରଡ଼ା ଥାନା ଅନ୍ତର୍ଗତ ଗୋଠଗାଁ ନିକଟରେ ଜଣେ ବ୍ୟକ୍ତିଙ୍କ ମୃତ ଦେହକୁ ଉଦ୍ଧାର କରିଛି ଜରଡ଼ା ଥାନା ପୋଲିସ । ମୃତ ବ୍ୟକ୍ତି ଜଣକ ହେଲେ ପାତ୍ରପୁର ବ୍ଲକ ଖରଣିପଡା ପଞ୍ଚାୟତ ଅନ୍ତର୍ଗତ ଚୈତନ୍ୟ ଚନ୍ଦ୍ର ପୁର( ଶାସନ) ଗ୍ରାମର ତାରିଣୀ ପାଢ଼ୀ (୫୬)। ସୂଚନା ମୁତାବକ ତାରିଣୀ ଗତ ଦୁଇ ଦିନ ହେବ ନିଜ ଭଉଣୀ ଘର ସୁନ୍ଦରଡ଼ା ଗ୍ରାମକୁ ଯାଇଥିବା ବେଳେ ଗତ କାଲି ଅପରାହ୍ନରେ ଚାଲି ଚାଲି ନିଜ ଗ୍ରାମ ଶାସନ ଫେରୁଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ରାସ୍ତାରେ ଅଂଶୁଘାତରେ ଟଳି ପଡ଼ି ମୃତ୍ୟୁ ଘଟିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଆଶଙ୍କା ସୃଷ୍ଟ ହୋଇଛି। ସୋମବାର ଗୋଠଗାଁର କିଛି ଲୋକ ସେହି ରାସ୍ତାରେ ଯାଉଥିବା ବେଳେ ତାରିଣୀଙ୍କ ମୃତ ଦେହକୁ ଦେଖି ତୁରନ୍ତ ଜରଡା ପୋଲିସକୁ ଖବର ଦେଇଥିଲେ। ତାରିଣୀ ର ମୃତ୍ୟୁ ଅଂଶୁଘାତ ଜନିତ ହୋଇଥିବା ସନ୍ଦେହ କରାଯାଉଥିବା ବେଳେ ଖବର ପାଇ ଜରଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହକୁ ଉଦ୍ଧାର କରି ଜରଡା ଥାନା ପକ୍ଷରୁ ୬/ ୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଥିବା ନେଇ ଜରଡା ଥାନା ଅଧିକାରିଣୀ ମିନାକ୍ଷୀ ଦଳବେହେରା ସୂଚନା ଦେଇଛନ୍ତି।

# ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

**କୋଟପାଡ଼,୮।୬ :** କୋରାପୁଟ ଜିଲ୍ଲା ଅନ୍ତର୍ଗତ କୋଟପାଡ଼ ବ୍ଲକର ଗୁଆଳି ପଞ୍ଚାୟତ ଅଧିନସ୍ଥ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଆସନା ପରିସରରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି,ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କୋଟପାଡ଼ ବିଧାୟକ ରୁପୁ ଭତରା, ସମ୍ମାନିତ ଅତିଥିଭାବେ ସାଂସଦ ପ୍ରତିନିଧି(ଶିକ୍ଷା ବିଭାଗ) ଶ୍ରୀ ଚନ୍ଦ୍ରଶେଖର ଦାସ, ସାଂସଦ ପ୍ରତିନିଧି ଶ୍ରୀ ରାମେଶ୍ୱର ଜେନା,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ଚମେଲୀ ମଜୁମଦାର, ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀମତୀ ସବିତାରାଣୀ ଷଡ଼ଙ୍ଗୀ,ଏବିଇଓ ଶ୍ରୀ ପଦ୍ମନ ରନ୍ଧାରୀ, ଗୁଳି ସରପଞ୍ଚ ରାଜମୋହନ ଭଣ୍ଡାରୀ ପ୍ରମୁଖ ଉପସ୍ଥିତରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ଦ୍ୱାରା ଭିଡିଓ କନଫରେନସ ମାଧ୍ୟମରେ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା, ବିଶେଷକରି ବିଭିନ୍ନ ଉପାନ୍ତ ଏବଂ ଆଦିବାସୀ ଅଧୁଷିତ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କ ଉତ୍ତମ ଶିକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ସରକାରଙ୍କ ପଦକ୍ଷେପ ବିଭିନ୍ନ ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସିତ ହେଉଥିବାର ଦେଖିବାକୁ ମିଳିଛି ।ସେହିପରି ସାରା ଓଡିଶାରେ ମୋଟ ୨୦୪ ଗୋଟି ଗୋଦାବରିଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ହୋଇଥିବାବେଳେ କୋରାପୁଟ ଜିଲ୍ଲାରେ ମୋଟ ୧୨ଗୋଟି ଗୋଦାବରିଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ମଧ୍ୟରୁ କୋଟପାଡ଼ ନିର୍ବାଚନ ମଣ୍ଡଳୀରେ କୋଟପାଡ଼ ଗୁଆଳି ପଞ୍ଚାୟତର ଆସନା ବିଦ୍ୟାଳୟରେ ଏକମାତ୍ର ଭିତ୍ତିପ୍ରସ୍ତର ବିଧାୟକ ରୁପୁ ଭତରାଙ୍କ କରକମଳରେ ଆୟୋଜିତ ହୋଇଯାଇଛି,କୋଟପାଡ଼ର ଉପାନ୍ତ ଅଞ୍ଚଳ ଆସନା ଗ୍ରାମରେ



ଏହି ଗୋଦାବରିଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବାରୁ ଆସନା ଗ୍ରାମରେ ଖୁସିର ଲହରି ଖେଳିଯାଇଛି ।ଆଜିର ଏହି ଭିତ୍ତିପ୍ରସ୍ତର ସ୍ଥାପନ ବିଧାୟକଙ୍କ କରକମଳରେ ରିବନ କାଟି ସମସ୍ତ ମାନ୍ୟଗଣ ଅତିଥି ମାନଙ୍କ ଉପସ୍ଥିତରେ ଶୁଭ ଉଦଘାଟନ କରାଯାଇଥିଲା,ଏହି କାର୍ଯ୍ୟକ୍ରମରେ ସମସ୍ତ ସି ଆର ସି, ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ବିଦ୍ୟାଳୟ ଛାତ୍ର,ଛାତ୍ରୀ ମାନଙ୍କ ସହିତ ଅଭିଭାବକ ମାନେ ଉପସ୍ଥିତ ଥିଲେ,ଆସନା ବିଦ୍ୟାଳୟରେ ଏହିପରି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାରୁ କୋଟପାଡ଼ ଅଞ୍ଚଳର ଛାତ୍ର, ଛାତ୍ରୀ ମାନଙ୍କୁ ପୂର୍ଣ୍ଣ ସହାୟତା ମିଳିବ ବୋଲି ବିଧାୟକ ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ, ସୂଚନାଯୋଗ୍ୟ ଯେଏହି ଗୋଦାବରିଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ଦୁର୍ବେ ସହଯୋଗ କରିଥଲେ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati | Executive Editor : Satyajit Mohapatra | Managing Editor : Jitendra Ku. Pati